ବର୍ଷ-୨୬, ସଂଖ୍ୟା-୨୯୮
ଭୁବନେଶ୍ୱର
ନଭେମ୍ବର, ୦୭, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 298
Bhubaneswar
November, 07, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଆଜି ଦ୍ୱିତୀୟ ଦିନିକିଆ

# କେନ୍ଦୁଝରକୁ ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଭେଟି







ଭୁବନେଶ୍ୱର,୬।୧୧(ମହାଭାରତ): ଆଜି କେନ୍ଦୁଝର ମାଟିରୁ ଏକାଧାରରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇ ରାଜ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ସାମିଲ ରହିଛି। ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୧୪ କୋଟି ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ସବୁଠାରୁ ଆଧୁନିକ ବୈଷୟିକ ବାଣିଜ୍ୟିକ ପ୍ରତିଷ୍ଠାନର ମଧ୍ୟ ଆଜି ଶିଳାନ୍ୟାସ ହୋଇଛି । ପ୍ରାୟ ୫.୫୧ ଏକର ଜମି ଓ ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫ ମହଲା ବିଶିଷ୍ଟ ଟେକ୍-ବିଜନେସ୍ ପାର୍କ ଉତ୍ତର ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆଜିର ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କେନ୍ଦୁଝରର ଯୁବପିଢ଼ିଙ୍କୁ ଆଉ ବାଙ୍ଗାଲୋର କିମ୍ବା ହାଇଦ୍ରାବାଦ ଯିବାକୁ ପଡ଼ିବ ନାହିଁ, ବରଂ ନିଜ ମାଟିରେ ହିଁ ନିଯୁକ୍ତି ଓ ପ୍ରଗତିର ଅସୀମ ଦ୍ୱାର ଖୋଲିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏଥିସହିତ ଧରଣୀଧର ମେଡିକାଲ କଲେଜ ପରିସରରେ ଉତ୍ତର ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ କ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ ହୋଇଛି, ଯେଉଁଠାରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ କେନ୍ଦୁଝର ଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଥିଲେ।

- ୧୨୯୨ କୋଟିର ୩୩୦ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ
- ଧରଣୀଧର ବିଶ୍ୱବିଦ୍ୟାଳୟ ଦକ୍ଷିଣ କ୍ୟାମ୍ପସ ଉଦ୍‌ଘାଟିତ
- ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ କାର୍ଡ ଶୁଭାରମ୍ଭ
- ସ୍ଥାପନହେବ ୬୩୦ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, କେନ୍ଦୁଝର ପାଇଁ ୩୫
- ୧୫ ମହଲା ଟେକ୍-ବିଜନେସ୍ ପାର୍କର ଶୁଭାରମ୍ଭ, ଖର୍ଚ୍ଚ ହେବ ୨୩୭ କୋଟି

ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡ୍ୟୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ବାରାକ୍ ମଧ୍ୟ ଲୋକାର୍ପିତ ହୋଇଛି।

ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩୦ଟି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଭାବବିହ୍ୱଳ ହୋଇ ପ୍ରକାଶ କରିଥିଲେ ଯେ ଓଡ଼ିଶା ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି, କିନ୍ତୁ କେନ୍ଦୁଝରବାସୀଙ୍କ ପାଇଁ ସେ ସେଇ ପୁରୁଣା 'ମୋହନ ଭାଇ'। ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଜନ୍ମମାଟିର ସେବା କରିଚାଲିବେ ବୋଲି ଦୃଢ଼ ପ୍ରତିଜ୍ଞା କରିଥିଲେ।

ସେ କହିଥିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହେଉଛି ତାଙ୍କର ଏକ ମାନସ ସନ୍ତାନ। ସେ ଯେତେବେଳେ କେନ୍ଦୁଝରର ବିଧାୟକ ଥିଲେ, ସେତେବେଳେ ପ୍ରାଥମିକ ସ୍ତରରେ ଦିଆଯାଉଥିବା ଶିକ୍ଷାଦାନ ଯଥେଷ୍ଟ ନୁହେଁ ଏବଂ ଗୁଣାତ୍ମକ ଆଦୌ ନୁହେଁ ବୋଲି ନିଜେ ଅନୁଭବ କରି ସରକାରଙ୍କୁ ଅବଗତ କରାଇଥିଲେ। ପ୍ରଥମେ ସେ ବ୍ୟକ୍ତିଗତ ଭାବେ ଡି.ଏମ୍.ଏଫ୍. ସାହାଯ୍ୟରେ ଏହାକୁ ନିଜ ନିର୍ବାଚନ ମଣ୍ଡଳୀ ଏବଂ ପରେ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା କେବଳ କେନ୍ଦୁଝର ନୁହେଁ, ବରଂ ସାରା ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଥିଲା। ଏହି ଯୋଜନା ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକ କେବଳ ରଙ୍ଗମରା ବିଦ୍ୟାଳୟ ନୁହେଁ, ବରଂ ପ୍ରାୟ ପାଞ୍ଚ ଏକର ପରିମିତ ଜମିରେ ଏକଦମ ନୂଆ, ବିଶ୍ୱସ୍ତରୀୟ ଢାଞ୍ଚାରେ ନିର୍ମିତ ହେବାକୁ ଥିବା ସ୍କୁଲ ଅଟେ, ଯେଉଁଥିରେ ପ୍ରତି ସ୍କୁଲ ପାଇଁ ପ୍ରାୟ ୫ ରୁ ୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଥିଲେ ଯେ ରାଜ୍ୟ ସରକାର ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ଓ ବିକାଶର ସବୁଠାରୁ ବଡ଼ ଆଧାର ଭାବେ ଗ୍ରହଣ କରିଛନ୍ତି, କାରଣ ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷା ଗ୍ରହଣର ମୂଳଦୁଆ ଏବଂ ମୂଳଦୁଆ ଯେତିକି ଶକ୍ତ ହେବ, ପିଲାର ଭବିଷ୍ୟତ ସେତିକି ସୁନ୍ଦର ହେବ। ଏହି ଲକ୍ଷ୍ୟ ନେଇ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି।

ପ୍ରଥମ ୩ ବର୍ଷରେ ୨ ହଜାର ୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନୁନ୍ୟ ୫ ଏକର ଜମି ଓ ଗମନାଗମନର ସୁବିଧା ଥିବା ଗ୍ରାମଗୁଡ଼ିକରେ ଏହି ସ୍କୁଲ ସ୍ଥାପିତ ହେଉଛି। ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମସ୍ଥାନ ବାଣପୁରରୁ ୧୧୮ଟି ଏବଂ ଖୋର୍ଦ୍ଧାରୁ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ଆଜି ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୬୩୦ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି, ଯାହା ମୋଟ ୯୫୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶିକ୍ଷାର ରୂପାନ୍ତରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି।ଏହି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ, କ୍ରୀଡ଼ା ଉପକରଣ ସହିତ 'ନିପୁଣ ଓଡ଼ିଶା' ଅଧୀନରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବ। କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲ୍ଲାରେ ଏହି ବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନହୋଇ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ ଗଠନର ମନ୍ଦିର ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭୌଗୋଳିକ କିମ୍ବା ଆର୍ଥିକ ସ୍ଥିତି ଯେପରି କୌଣସି ଶିଶୁର ଶିକ୍ଷାଲାଭରେ ବାଧକ ନହୁଏ, ସେଥିପାଇଁ ରାଜ୍ୟରେ ଶିଶୁବାଟିକା ଆରମ୍ଭ କରାଯାଇ ୪୫ ହଜାରରୁ ଅଧିକ ସ୍କୁଲରେ ଖୋଲାଯାଇଛି ଏବଂ ନବମ-ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଛି। ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଗତ ଅଢ଼େଇ ବର୍ଷ ଭିତରେ ୨୮ ହଜାର ୬୩୯ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି ବିଦ୍ୟାଳୟଗୁଡ଼ିକୁ ଜ୍ଞାନ, ସୃଜନଶୀଳତା ଓ ମାନବିକ ମୂଲ୍ୟବୋଧର କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ସରକାରୀ ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ପିଜି ସିଟ୍

ଭୁବନେଶ୍ୱର,୦୬।୧୧(ମହାଭାରତ): ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ପିଜି ମେଡିକାଲ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତ୍ତର (ପିଜି) ମେଡିକାଲ ଶିକ୍ଷା ହେବ ଆହୁରି ସମ୍ପ୍ରସାରିତ । କାରଣ ଜାତୀୟ ମେଡିକାଲ କମିଶନ (ଘଗଉ) ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ୧୪ଟି ବିଭାଗରେ ୩୧୮ଟି ପିଜି ସିଟ୍ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଫଳରେ ରାଜ୍ୟରେ ମୋଟ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଞ୍ଚିଛି ।

ପୂର୍ବରୁ ରାଜ୍ୟର କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ, ବୁର୍ଲା ସ୍ଥିତ ଭୀମସାର, ବଲାଙ୍ଗୀର

## ୩୧୮ ପିଜି ସିଟ୍ ବୃଦ୍ଧିକୁ ମଞ୍ଜୁରୀ

ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱର ସ୍ଥିତ ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଏବଂ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ସମେତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ପିଜି ମେଡିକାଲ ଶିକ୍ଷା ପ୍ରଦାନ କରାଯାଉଥିଲା ।

ଶୁକ୍ରବାର ଜାତୀୟ ମେଡିକାଲ କମିଶନଙ୍କ ଅନୁମୋଦନ କ୍ରମେ ରାଜ୍ୟର ନୂତନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ପ୍ରଥମ ଥର ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିମଧ୍ୟରେ କେନ୍ଦୁଝରର ଧରଣୀଧର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ୧୦ଟି ବିଭାଗରେ ୪୪ଟି, ସୁନ୍ଦରଗଡର ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୨ଟି, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୯ଟି ବିଭାଗରେ ୨୮ଟି, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୧୦ଟି ବିଭାଗରେ ୩୨ଟି ଏବଂ ଫୁଲବାଣୀର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୭ଟି ପିଜି ସିଟ୍ ଅନୁମୋଦନ ମିଳିଛି



। ସେହିପରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୨୦ରୁ ବୃଦ୍ଧି ପାଇ ୫୩ ହୋଇଛି। ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୧୦ରୁ ବୃଦ୍ଧି ପାଇ ୫୪ ହୋଇଛି ଝ ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ବୃଦ୍ଧି ପାଇ ୫୪ ହୋଇଛି।ଏହା ସହ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ୧୧ଟି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୭ଟି, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୩ଟି ଏବଂ ଭୀମସାର, ବୁର୍ଲାରେ ୧୧ଟି ପିଜି ସିଟ୍ ବୃଦ୍ଧି କରାଯାଇଛି ।ଏହି ଅତିରିକ୍ତ ସିଟ୍‌ଗୁଡ଼ିକ ଆନାଟୋମି, ଆନାସ୍ଥେସିଓଲୋଜି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ୍, ଇଏନଟି , ଜେନେରାଲ ମେଡିସିନ୍, ଜେନେରାଲ ସର୍ଜରୀ, ମାଇକ୍ରୋବାୟୋଲୋଜି, ପ୍ରସୂତି ଓ ସ୍ତ୍ରୀରୋଗ, ଅର୍ଥପେଡିକ୍ସ, ପେଡିଆଟ୍ରିକ୍ସ, ପାଥୋଲୋଜି, ସାଇକିଆଟ୍ରି ଏବଂ ରେସ୍ପିରେଟୋରି ମେଡିସିନ୍ ଆଦି ୧୪ଟି ବିଭାଗରେ ଉପଲବ୍ଧ ହେବ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଯୋଗୁଁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ସେହିପରି ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ଏନଏମସି କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ,'ପିଜି ସିଟ୍ ସଂଖ୍ୟା ୬୨୦ରୁ ୯୩୮କୁ ବୃଦ୍ଧି ପାଇବା କେବଳ ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ନୁହେଁ, ବରଂ ରାଜ୍ୟରେ ଅଧିକ ସଂଖ୍ୟକ ଦକ୍ଷ ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ।''ଏହା ଦ୍ୱାରା ରାଜ୍ୟର ମେଡିକାଲ ଶିକ୍ଷାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚତର ଶିକ୍ଷା ଓ ଗବେଷଣାର ନୂତନ ସୁଯୋଗ ସୃଷ୍ଟି କରିବ । ଏଥିସହ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ବୃଦ୍ଧି ପାଇବା ସହ ସାଧାରଣ ଜନତାଙ୍କୁ ନିଜ ଅଞ୍ଚଳରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

## ଭିଜିଲାନ୍ସ ଜାଲରେ ଆଇଟିଆଇ ଅଧ୍ୟକ୍ଷ

ଭୁବନେଶ୍ୱର,୬।୧୧(ମହାଭାରତ):ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବଲାଙ୍ଗିର ସରକାରୀ ଆଇଟିଆଇର ଅଧ୍ୟକ୍ଷ ସୁରେଶ କୁମାର ଦଳବେହେରା। ଜଣେ ଅତିଥି ଇନ୍ସ୍ଟ୍ରକ୍ଟରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ଏହି ସରକାରୀ ଆଇଟିଆଇର ୯ ଜଣ ଅତିଥି ଇନ୍ସ୍ଟ୍ରକ୍ଟରଙ୍କୁ ମୋଟ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅତିଥି ଇନ୍ସ୍ଟ୍ରକ୍ଟର ଭାବେ ଆଗକୁ ସେମାନଙ୍କୁ ନିଯୋଜିତ କରି ରଖିବାକୁ ତଥା ନିୟମିତ ଭାବେ ଦରମା ପ୍ରଦାନ କରିବାକୁ ସେ ଏହି ଲାଞ୍ଚ ମାଗିଥିଲେ। ଲାଞ୍ଚ ନଦେଲେ ସେମାନଙ୍କୁ ଦରମା ନଦେବାକୁ ତଥା ବାହାର କରି ଦେବାକୁ ଅଧ୍ୟକ୍ଷ ଶ୍ରୀ ଦଳବେହେରା ଧମକ ଦେଇଥିଲେ।

ଅନ୍ୟ କୌଣସି ଉପାୟ ନପାଇ ଏହି ଅତିଥି ଇନ୍ସ୍ଟ୍ରକ୍ଟରମାନେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଆଜି ଜଣେ ଅତିଥି ଇନ୍ସ୍ଟ୍ରକ୍ଟର ଅଧ୍ୟକ୍ଷଙ୍କୁ ଭେଟି ୩୦ ହଜାର ଟଙ୍କା ଦେଇଥିଲେ। ଏହା ଥିଲା ସେ ମାଗିଥିବା ୧ ଲକ୍ଷ ୧୫ ହଜାର ଟଙ୍କର ପ୍ରଥମ କିସ୍ତି। ସେ ବଲାଙ୍ଗିର ରେଳ ଷ୍ଟେସନରେ ଏହି ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଏହା ପରେ ଅଧ୍ୟକ୍ଷ ଶ୍ରୀ ଦଳବେହେରାଙ୍କ ୩ଟି ଠିକଣାରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ରଖିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଅଧ୍ୟକ୍ଷଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି। ସେହିପରି ଆଜି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ର।

## ଫେବୃଆରୀ ୧୬ରୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ନୂଆଦିଲ୍ଲୀ,୬।୧୧(ମହାଭାରତ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଆଜି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୦୨୭ ଫେବୃଆରୀ ୧୬ ତାରିଖ ମଙ୍ଗଳବାରଠାରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଆରମ୍ଭ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ସାଢେ ୧୦ଟାରୁ ପରୀକ୍ଷା ହେବ। ବୋର୍ଡ ପକ୍ଷରୁ ୧୦୧ ଦିନ ପୂର୍ବରୁ ଏହି କାର୍ଯ୍ୟସୂଚୀ ଜାରି କରାଯାଇଛି, ଯାହା ଉଭୟ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତି ନିମନ୍ତେ ଯଥେଷ୍ଟ ସମୟ ପ୍ରଦାନ କରିବ। ବୋର୍ଡ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଜାରି ସୂଚନା ଅନୁସାରେ, ଚଳିତ ଶିକ୍ଷାବର୍ଷରେ ଦେଶ ତଥା ବିଦେଶରୁ ମୋଟ ୪୬ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପଞ୍ଜିକରଣ କରିଛନ୍ତି। ଏଥିରେ ଦଶମ ଶ୍ରେଣୀର ୨୬.୫ଲକ୍ଷରୁ ଅଧିକ ଓ ଦ୍ୱାଦଶ ଶ୍ରେଣୀର ୧୯.୮ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ଅଛନ୍ତି।

# ଟ୍ରାଫିକ ସମସ୍ୟା ଦୂର ପାଇଁ ଆସିବ 'ପାର୍କିଂ ନୀତି'

ଭୁବନେଶ୍ୱର,୦୬।୧୧(ମହାଭାରତ): ରାଜ୍ୟର ସହରାଂଚଳରେ ଚାଲିଥିବା ପ୍ରମୁଖ ବିକାଶମୂଳକ ପଦକ୍ଷେପ ଓ ବିଭାଗର ପ୍ରାଥମିକତାଭିତିକ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର। ଶୁକ୍ରବାର ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭାଗର ବିଭିନ୍ନ ଯୋଜନା ଓ ପ୍ରମୁଖ ପ୍ରସଙ୍ଗର ସମୀକ୍ଷା କରିଥିଲେ ।

ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଶ୍ରୀ ଗଙ୍ଗାଧର ନାୟକ ଓ ଶ୍ରୀ ବିନୟ କୁମାର ଦାଶଙ୍କ ସମେତ ବିଭାଗର ସମସ୍ତ ଅତିରିକ୍ତ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ବୈଠକରେ ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬, ସହରୀ ଯାତାୟାତ ଯୋଜନା , ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ଏବଂ ଜିଲ୍ଲା ସହର ଉନ୍ନୟନ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମେତ ବିଭାଗର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬ ସମ୍ପର୍କିତ ଉପସ୍ଥାପନାରେ ରାଜ୍ୟର ସହରାଂଚଳଗୁଡ଼ିକରେ ପାର୍କିଂ ବ୍ୟବସ୍ଥାର ରୂପାନ୍ତରଣ ପାଇଁ ପ୍ରସ୍ତାବିତ ଢାଂଚା ଉପରେ ଆଲୋକପାତ କରାଯାଇଥିଲା । ଦ୍ରୁତଗତିରେ ବଢୁଥିବା ଯାନବାହନ ସଂଖ୍ୟା ଯୋଗୁଁ ସହରର ସୀମିତ ରାସ୍ତା ଓ ସ୍ଥାନ ଉପରେ ବଢୁଥିବା ଚାପକୁ ଦୃଷ୍ଟିରେ ରଖି ଏକ ସୁପରିକଳ୍ପିତ, ନିୟନ୍ତ୍ରିତ ଓ ପ୍ରଯୁକ୍ତିବିଦ୍ୟାଭିତିକ ପାର୍କିଂ ବ୍ୟବସ୍ଥା ଗଠନ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାୟୀ ସହରୀ ଯାତାୟାତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପାର୍କିଂ ପରିଚାଳନାକୁ ଗୁରୁତ୍ୱ ଦେବା ସହ ପଥଚାରୀଙ୍କ ସୁବିଧା, ସାଧାରଣ ପରିବହନ ଓ ଉପଲବ୍ଧ ଭିତିଭୂମିର ସୁବିନିଯୋଗ ଉପରେ ଏଥିରେ ବିଶେଷ ଧ୍ୟାନ ଦିଆଯାଇଛି ।



ପ୍ରସ୍ତାବିତ ନୀତିରେ ରାସ୍ତାର ସ୍ଥାନ ବଂଟନ କ୍ଷେତ୍ରରେ ପଥଚାରୀ, ସାଇକେଲ ଚାଳକ, ଦିବ୍ୟାଙ୍ଗ ବ୍ୟକ୍ତି, ଜରୁରୀକାଳୀନ ସେବା ଏବଂ ସାଧାରଣ ପରିବହନକୁ ପ୍ରାଥମିକତା ଦେବାର ବ୍ୟବସ୍ଥା ରହିଛି । ଏଥିସହ ପାର୍କିଂ ବ୍ୟବସ୍ଥାର ବୈଜ୍ଞାନିକ ଓ ସ୍ଥାନଭିତିକ ଯୋଜନା ପାଇଁ ସହରସ୍ତରୀୟ ପାର୍କିଂ ମାଷ୍ଟର ପ୍ଲାନ୍ ଏବଂ ଅଂଚଳଭିତିକ ପାର୍କିଂ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରହିଛି ।

ପାର୍କିଂ ଚାହିଦା ଅନୁଯାୟୀ ଶୁଳ୍କ ନିର୍ଦ୍ଧାରଣ, ରାସ୍ତାକଡ଼ ଓ ରାସ୍ତା ବାହାରେ ଥିବା ପାର୍କିଂ ସ୍ଥଳ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ବ୍ୟବସ୍ଥା, ଡିଜିଟାଲ୍ ପାର୍କିଂ ଅନୁମତିପତ୍ର, ରିଅଲ୍ ଟାଇମ୍ ପାର୍କିଂ ସୂଚନା, ଇଲେକ୍ଟ୍ରୋନିକ୍ ଦେୟ ବ୍ୟବସ୍ଥା ଏବଂ ପ୍ରଯୁକ୍ତିବିଦ୍ୟାଭିତିକ ତଦାରଖ ଭଳି ପ୍ରମୁଖ ବ୍ୟବସ୍ଥା ଏହି ନୀତିରେ ସ୍ଥାନ ପାଇଛି । ଏଥିସହ ଉପଲବ୍ଧ ପାର୍କିଂ ସ୍ଥଳଗୁଡ଼ିକର ମିଳିତ ବ୍ୟବହାର, ବୈଦ୍ୟୁତିକ ଯାନ ପାଇଁ ଉପଯୁକ୍ତ ପାର୍କିଂ ସୁବିଧା ଏବଂ ସାଧାରଣ ପରିବହନ ଓ ଅଣ-ମୋଟର ଚାଳିତ ଯାତାୟାତ ବ୍ୟବସ୍ଥା ସହ ପାର୍କିଂ ଭିତିଭୂମିର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି ।ବାଣିଜ୍ୟିକ ଅଂଚଳ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଆବାସିକ ଅଂଚଳ, ଶିଳ୍ପାଂଚଳ ଓ ପରିବହନ କେନ୍ଦ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂ ଏବଂ ଯାତାୟାତ ପରିଚାଳନା ବ୍ୟବସ୍ଥାର ପ୍ରସ୍ତାବ ରହିଛି । ଏହାର ସଫଳ କାର୍ଯ୍ୟକାରିତା ଓ ନିୟମର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପୌରସଂସ୍ଥା, ଟ୍ରାଫିକ୍ ପୋଲିସ ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ଉପରେ ମଧ୍ୟ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି ।

ସହରୀ ଯାତାୟାତ ଯୋଜନା ଓ ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ସମ୍ପର୍କିତ ଆଲୋଚନାରେ ଭବିଷ୍ୟତର ସହରୀ ଭିତିଭୂମି ଓ ଯାତାୟାତ ସମ୍ପର୍କିତ ପଦକ୍ଷେପଗୁଡ଼ିକର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ମତବିନିମୟ ହୋଇଥିଲା । ସେହିପରି ଜିଲ୍ଲା ସହର ଉନ୍ନୟନ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା କରାଯାଇ ଅନୁଷ୍ଠାନିକ ଦକ୍ଷତା ବୃଦ୍ଧି ଓ ସହରୀ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ଦକ୍ଷତାର ସହ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ବିଭାଗର ଚାଲୁ ରହିଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ଆକଳନ କରିବା ସହ ନୂତନ ପ୍ରାଥମିକତା ଓ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ରାଜ୍ୟରେ ସହରାଞ୍ଚଳ ବିକାଶକୁ ଅଧିକ ଗତିଶୀଳ କରିବା ପାଇଁ ବିଭାଗର ବିଭିନ୍ନ ଶାଖା ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା ।

## ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।
ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଢ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

## ମା ଯୋଗମାୟା ଶକ୍ତିପୀଠ



କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ଭାବେ ପରିଚିତ ମା'ଯୋଗମାୟା ପୀଠ। ଏହି ପୀଠ ଜିଲ୍ଲାର ଗୁର୍ଜିମୁଣ୍ଡା ଗ୍ରାମ ଠାରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପୀଠକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ। ଜିଲ୍ଲାର କେସିଁଗାଁ ବ୍ଲକ ଠାରୁ ମାତ୍ର ୧୫ କିମି ଦୂରତା ରେ ଅବସ୍ଥିତ ଗୁର୍ଜିମୁଣ୍ଡା ଗ୍ରାମ ଯେଉଠି ରହିଛି ମାଁ ଯୋଗମାୟା ଦେବୀଙ୍କ ଶକ୍ତିପୀଠ। ଏଠାରେ ଅନେକ କିର୍ଦ୍ଦିରାଜି ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଓ ଉଚ୍ଚକୋଟିର କାରୁକାର୍ଯ୍ୟରେ ଭରା ଏହି ମନ୍ଦିର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ମା ଯୋଗାମାୟାଙ୍କ ପୀଠକୁ ଆସି ଯିଏଯାହା ମାନସିକ କରେ ତାହା ମା ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଗୁର୍ଜିମଣ୍ଡା ମା ଯୋଗମାୟା ଦେବୀଙ୍କ ପୀଠ ମଧ୍ୟରେ ଦେଖିବାକୁ ମିଳେ ବହୁ ଉଚ୍ଚକୋଟିର କାରୁକାର୍ଯ୍ୟ। ଯାହା ଦେଖିଲେ ମନ ଭରିଯାଏ। ମନ୍ଦିର ର ମୁଖ୍ୟ ଦ୍ୱାର ଦେଇ ଗଲେ ପ୍ରଥମେ ମା ଯୋଗମାୟା ଦେବୀଙ୍କ ମନ୍ଦିର ପଡ଼େ । ମନ୍ଦିରର ପୂର୍ବଦିଗରେ ରହିଛି ଯଜ୍ଞ ମଣ୍ଡପ । ପଶ୍ଚିମରେ ଅଗ୍ରପୂଜ୍ୟ ଗଣେଷଙ୍କ ମନ୍ଦିର, ଉତ୍ତର ଦିଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିରି ପୁରା ପାହାଡ଼ ଓ ଦକ୍ଷିଣ ଦିଗରେ ରହିଛନ୍ତି ବଜରଙ୍ଗବଳି । ମନ୍ଦିର ମଝିରେ ରହିଛି ବର୍ଷ ବର୍ଷ ଧରି ଅଖଣ୍ଡ ଜଳିବା ପାଇଁ ଏକ ଅଖଣ୍ଡ ଦ୍ୱିପ ଗୃହ । ସୁନ୍ଦର କାରୁକାର୍ଯ୍ୟ ସହିତ ମନୋରମ ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ସତରେ ନଦେଖିଲେ ଏହି ସୁନ୍ଦରତାକୁ ବିଶ୍ୱାସ କରିହେବ ନାହିଁ । ଏହି ବିରି ପୁରା ପାହାଡ଼ରେ ବହୁ କିର୍ଦ୍ଦିରାଜ ରହିଛି। ଲୋକ ମତ ଅନୁସାରେ ପୂର୍ବକାଳରେ ଏହି ବିରି ପୁରାପାହାଡ଼ ଗୁମ୍ଫା ମଧ୍ୟରେ ୩ ଜଣ ମୁନିଋଷି ତପଶ୍ୟା କରୁଥିଲେ । ପାହାଡ଼ ଉପରେ ସାତଟି କୁଅ ରହିଛି ଯାହା ବର୍ଷ ତମାମ ସୁଖେନାହିଁ ଏବଂ ସାତ ଭଉଣୀ ଦେବୀଙ୍କ ପୀଠ କୁଆଡ଼େ ଏଠାରେ ରହିଛି ବୋଲି ଲୋକେ ମତବ୍ୟକ୍ତ କରୁଥିବା ବେଳେ ଏହି ପାହାଡ଼କୁ ଦେବଗୁମ୍ଫା ବୋଲି କୁହାଯାଏ। ଏଠାରେ ଧବଳେଶ୍ୱର ଓ କପିଳେଶ୍ୱରଙ୍କ ଆଭିର୍ବାଭ ହୋଇଥିବା ବେଳେ ଏଠାରେ ପୂର୍ବକାଳରେ ମୁନିଋଷି ମାନେ ଏଠାରେ ପୂଜା କରିଆସୁଥିଲେ । ପରବର୍ତ୍ତି ସମୟରେ ଏଠାରେ ଏବେ ଜଣେ କୁମ୍ଭୀର ସଂପ୍ରଦାୟର ପୂଜକ ପାହାଡ଼ର ବିଭିନ୍ନ ସ୍ଥାନରେ ଥିବା ଦେବାନେବୀଙ୍କୁ ପୂଜା କରିଆସୁଛନ୍ତି ।



## ଉପକାରୀ ବରକୋଳି

ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

ବରକୋଳିର ଆଚାର ମଧ୍ୟ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।



## ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।



## ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

## ହୃଦରୋଗୀ ପ୍ରତିଦିନ ଖାଆନ୍ତୁ ଶିମ୍ବ

ଶୀତଦିନେ ମିଳୁଥିବା ପରିବା ହେଉଛି ଶିମ୍ବ । ଏହା ଖାଇବାକୁ ସ୍ୱାଦିଷ୍ଟ ଏବଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।



ଏଥିରେ ପ୍ରୋଟିନ, ଭିଟାମିନ୍ ଓ ମନେରାଲ୍ସ ରହିଛି, ଯାହା ଓଜନ ହ୍ରାସ କରିବା ସହିତ ପାର୍କିନସନ ପରି ରୋଗକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଶିମ୍ବ କୋଲେଷ୍ଟ୍ରଲର ସ୍ତର ନିୟନ୍ତ୍ରଣ କରିଥାଏ । ତେବେ ଆସନ୍ତୁ ଜାଣିବା ଶିମ୍ବ ଖାଇଲେ ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ।

ଶିମ୍ବରେ ଥିବା ଭିଟାମିନ୍ ବି ,ଫୋଲେଟ୍, କ୍ୟାଲସିୟମ୍ ,ଆଇରନ ଓ ସେଲେନିୟମ୍ ହିମୋଗ୍ଲୋବିନ୍ ବୃଦ୍ଧି କରିଥାଏ ଏବଂ ଫାଇବର ପାଚନ ତନ୍ତ୍ରକୁ ଠିକ୍ ରଖିଥାଏ।

ଶିମ୍ବ ନିୟମିତ ଭାବରେ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ଏପରି ଏକ ପରିବା ଯାହା ଶରୀରରେ ଆଣ୍ଠି-ଅକ୍ସିଡାଣ୍ଟକୁ ସକ୍ରିୟ କରିଥାଏ, ଯାହା ଯୋଗୁଁ ସେଲ୍‌ରେ ଫ୍ରି ରାଡିକାଲ୍ସ ହୋଇନଥାଏ ।

ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାଡକୁ ମଜବୁତ କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ ମ୍ୟାଗ୍ନେସିୟମର ଅଭାବରୁ ହାଡ ଉପରେ ଖରାପ ପ୍ରଭାବ ପଡିଥାଏ । ହାଡକୁ ମଜବୁତ୍ ରଖିବା ପାଇଁ ପ୍ରତିଦିନ ଶିମ୍ବଖାନ୍ତୁ ।

ଓଜନ ବୃଦ୍ଧି ଯୋଗୁଁ ଅନେକ ଲୋକ ଚିନ୍ତାରେ ରହନ୍ତି । ଓଜନ କମ୍ କରିବା ପାଇଁ ପ୍ରତିଦିନ ଶିମ୍ବ ଖାଆନ୍ତୁ । ଗୋଟିଏ କପ୍ ଶିମ୍ବରେ ୧୮୭ କିଲୋ କ୍ୟାଲୋରୀ, ୧୩ ଗ୍ରାମ ପ୍ରୋଟିନ୍ ଓ ୯ ଗ୍ରାମ ଫାଇବର ରହିଛି । ଏଥିପାଇଁ ଶିମ୍ବ ଖାଇଲେ ପେଟ ପୂରିଲା ଭଳି ଲାଗିଥାଏ ଏବଂ ଭୋକ କମ୍ ହୋଇଥାଏ ।

ଶିମ୍ବ ହାର୍ଟ ପାଇଁ ବହୁତ ଭଲ । ଏହା ହାର୍ଟକୁ ସୁସ୍ଥ ରଖିବା ସହିତ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ୍ ରକ୍ତ ବାହିକାକୁ ଆରାମ ଦେଇଥାନ୍ତି । ଏହାଦ୍ୱାରା ଉଚ୍ଚ ରକ୍ତଚାପ କମ୍ ହୋଇଥାଏ । ଏଥିପାଇଁ ହୃଦରୋଗୀ ଏହାକୁ ପ୍ରତିଦିନ ଖାନ୍ତୁ ।

# ବ୍ରହ୍ମପୁରରେ ଜଳଯୋଗାଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ନଗର ଉନ୍ନୟନ ବିଭାଗର ତ୍ୱରିତ ପଦକ୍ଷେପ

## ଦୈନିକ ଜଳଯୋଗାଣ ୭୨ ନିୟୁତ ଲିଟରକୁ ବୃଦ୍ଧି, ନିୟୋଜିତ ହେଲେ ୪୬ଟି ଟ୍ୟାଙ୍କର

ଭୁବନେଶ୍ୱର, ୬।୧୧(ମହାଭାରତ): ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବ୍ରହ୍ମପୁର ସହରରେ ବାଧାପ୍ରାପ୍ତ ଜଳଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର ଓ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସୁରକ୍ଷିତ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୱାଟକୋ ସହଯୋଗରେ ଜରୁରୀକାଳୀନ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ବିକଳ୍ପ ଜଳଉତ୍ସର ବିନିଯୋଗ ସହ ଜାନିବିଲି ଇନଟେକ୍ ?ର ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଆଗେଇ ନିଆଯାଉଛି।

ବ୍ରହ୍ମପୁର ସହରରେ ଦୈନିକ ଜଳଯୋଗାଣ ପରିମାଣକୁ ୭୨ ନିୟୁତ ଲିଟର (ଏମ୍‌ଏଲ୍‌ଡି)କୁ ବୃଦ୍ଧି କରାଯାଇଛି। ଏଥିମଧ୍ୟରୁ ୬୪ ନିୟୁତ ଲିଟର ଜଳ ଭୂପୃଷ୍ଠ ଜଳଉତ୍ସରୁ ଯୋଗାଇ ଦିଆଯାଉଥିବା ବେଳେ ଅତିରିକ୍ତ ୮ ନିୟୁତ ଲିଟର ଜଳ ୧୮ଟି ଉତ୍ପାଦନକ୍ଷମ କୂପ ମାଧ୍ୟମରେ ଯୋଗାଣ କରାଯାଉଛି। ଏହା ସହିତ ବିଭିନ୍ନ ଅଂଚଳରେ ଜଳ ବଂଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ୪୬ଟି ଟ୍ୟାଙ୍କର ନିୟୋଜିତ କରାଯାଇଛି। ଏଥିରେ ୧୨ଟି ଘରୋଇ ଟ୍ୟାଙ୍କର ସାମିଲ ରହିଛି।

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଆଇଆଇଏସ୍ ?ଇଆ ?କୁ ଜଳଯୋଗାଣ ପୁନଃସ୍ଥାପିତ



ହୋଇଛି ଏବଂ ସ୍ୱାଭାବିକ ଭାବେ ଚାଲୁ ରହିଛି। ସେହିପରି ହିଞ୍ଜିଳିକାଟୁ ଓ ଗୋପାଳପୁରରେ ମଧ୍ୟ ଜଳଯୋଗାଣ ବ୍ୟବସ୍ଥା ସୁଚାରୁରୂପେ ଜାରି ରହିଛି।ପାନୀୟ ଜଳର ଗୁଣବତା ଓ ଜନସ୍ୱାସ୍ଥ୍ୟର ସୁରକ୍ଷାକୁ ବିଭାଗ ପ୍ରାଥମିକତା ଦେଇଛି। ଏଥିପାଇଁ ଜଳ ବିଶୋଧନାଗାରଗୁଡ଼ିକରେ ସୁପର କ୍ଲୋରିନେସନ୍ ବ୍ୟବସ୍ଥା ଜାରି ରହିଛି। ଜଳ ବିଶୋଧନ ପ୍ରକ୍ରିୟାରେ ପ୍ରାରମ୍ଭିକ ସ୍ତରରେ ୪ ପିପିଏମ୍ ଏବଂ ଶେଷ ସ୍ତରରେ ୧୦ ପିପିଏମ୍ କ୍ଲୋରିନେସନ୍ କରାଯାଉଛି। ଏଥିସହିତ ଜଳ ବିତରଣ ବ୍ୟବସ୍ଥାର ଶେଷ ଭାଗରେ ୨ ପିପିଏମ୍ କ୍ଲୋରିନେସନ୍ ସୁନିଶ୍ଚିତ କରାଯାଉଛି। ବିଭାଗର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଟିଏ ମୋବାଇଲ୍ ଟ୍ରିଟମେଂଟ ୟୁନିଟ୍ (ଏମ୍‌ଟିୟୁ) ବ୍ରହ୍ମପୁର ଡିଭିଜନ କାର୍ଯ୍ୟାଳୟରେ ପହଂଚିଛି।

ଜାନିବିଲି ଇନଟେକ୍ ରେ ଅସ୍ଥାୟୀ ଜଳ ଅବରୋଧ ବ୍ୟବସ୍ଥା (ଟେମ୍ପୋରାରି ପଣ୍ଡିଂ ଆରେଞ୍ଜମେଂଟ) ନିର୍ମାଣ କାର୍ଯ୍ୟ ପ୍ରାୟ ୯୯ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଇନଟେକ୍ ନିକଟରେ ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି। ଏଥିପାଇଁ ଇତିମଧ୍ୟରେ ପ୍ରାୟ ୧୫ ହଜାର ବାଲିବସ୍ତା ବିଛାଯାଇଥିବା ବେଳେ ଆଜି ଆଉ ୫ ହଜାର ବାଲିବସ୍ତା ବିଛାଇବା ପାଇଁ ଯୋଜନା ରହିଛି। ଆବଶ୍ୟକ ଶ୍ରମଶକ୍ତି ଓ ଯନ୍ତ୍ରପାତି ନିୟୋଜିତ କରାଯାଇ ଏହି କାର୍ଯ୍ୟ ଆଗେଇ ନିଆଯାଉଛି। ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଘଟଣାସ୍ଥଳରେ ଓଡ୍ରାଫ୍ ଟିମ୍ ମଧ୍ୟ ମୁତୟନ କରାଯାଇଛି।

ବ୍ରହ୍ମପୁର ମହାନଗର ନିଗମ ସମେତ ପ୍ରଭାବିତ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ଜରୁରୀକାଳୀନ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଅତିରିକ୍ତ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହାଦ୍ୱାରା କ୍ଷେତ୍ରସ୍ତରୀୟ ସମନ୍ୱୟ ଓ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଚାଲୁ ରହିଥିବା କାର୍ଯ୍ୟର ନିୟମିତ ତଦାରଖ କରାଯାଉଛି। ବିଶେଷକରି ଜଳଯୋଗାଣର ପରିମାଣ ବୃଦ୍ଧି, ପାନୀୟ ଜଳର ଗୁଣବତା ବଜାୟ ରଖିବା ଓ ଜାନିବିଲି ଇନଟେକ୍ ର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯାଉଛି। ଜନସାଧାରଣଙ୍କ ଅସୁବିଧାକୁ ସର୍ବନିମ୍ନ କରିବା ସହ ବ୍ରହ୍ମପୁର ସହରରେ ଯଥାଶୀଘ୍ର ସ୍ୱାଭାବିକ ଜଳଯୋଗାଣ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି।

# ସରକାର ଓ ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ଗଞ୍ଜାମରେ ଜଳ ପ୍ରଳୟ : ବିଜେଡି

ଭୁବନେଶ୍ୱର,୬।୧୧(ମହାଭାରତ): ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ଅଭାବରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଘେରରେ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲା ଥିବାବେଳେ ଲକ୍ଷାଧିକ ଲୋକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଆଜି ବି ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନଥିବାରୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ଶ୍ରୀ ପ୍ରତାପ ଜେନା କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ସାରା ବିଶ୍ୱ ପ୍ରଶଂସା କରିଥିଲା । ସରକାର ବିପର୍ଯ୍ୟୟ ପରିଚାଳନାରେ କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି । ବନ୍ୟା ଯୋଗୁଁ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧି ଦଳ ଗଞ୍ଜାମରେ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିଥିଲେ । ଲୋକଙ୍କ ସମସ୍ୟାକୁ ନେଇ ପ୍ରଶାସନ ସହ ବାରମ୍ବାର ଆଲୋଚନା କରିବା



ସହ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନଙ୍କୁ ସେ ଅନୁରୋଧ କରିଛନ୍ତି । ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚି ନାହିଁ । ବନ୍ୟା ପରବର୍ତ୍ତୀ ସ୍ଥିତି ଅତ୍ୟନ୍ତ ଜଟିଳ ରହିଛି । ବନ୍ୟା ଆସିବା ଯୋଗୁଁ ହଜାର ହଜାର ଏକର ଚାଷଜମି ବାଲିଚରରେ ପରିଣତ ହୋଇଛି । ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଅତ୍ୟାବଶ୍ୟକ ସାମଗ୍ରୀ ଓ ରିଲିଫ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଏହି ବନ୍ୟା ଯୋଗୁଁ ପ୍ରଭାବିତ ଅଞ୍ଚଳ ଗୁଡିକ ପ୍ରାୟ ୩୦ ବର୍ଷ ପଛକୁ ଠେଲି ହୋଇଯାଇଛି ।

ଶ୍ରୀମତୀ ଟୁକୁନି ସାହୁ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ଓଡିଶା ପାଇଁ ନୂଆ କଥା ନୁହେଁ । ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଅନେକ ବିପର୍ଯ୍ୟୟର ସଠିକ୍ ପରିଚାଳନ କରାଯାଇଛି । ବର୍ତ୍ତମାନର ବିଜେପି ସରକାର ଓ ଜଳ ସମ୍ପଦ ବିଭାଗର ଅବହେଳା ପାଇଁ ଲୋକେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ସରକାର ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି ନ କରିବା ଏବଂ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରିଚାଳନାରେ ତ୍ରୁଟି ପାଇଁ ଆଜି ଏହି ଜଳ ପ୍ରଳୟ ସୃଷ୍ଟି ହୋଇଛି । ସମ୍ଭାବ୍ୟ ବିପଦକୁ ଆକଳନ କରି ଆଗୁଆ ପଦକ୍ଷେପ ନେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସୂଚନା ନ ଦେଇ ଜଳଭଣ୍ଡାରର ଗେଟ୍ ଖୋଲା ଯିବାରୁ ଜଳର ତୀବ୍ରତା ବ୍ୟାପକ କ୍ଷତି ଘଟାଇ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ବିଜେଡି ସରକାର 'ଜିରୋ କାଜୁଆଲିଟି'କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲା ବେଳେ ବିଜେପି ସରକାର ନିଜ ପ୍ରଚାର ଓ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି ।

ଶ୍ରୀ ବିକ୍ରମ ପଣ୍ଡା କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲରୁ ବିଜେପି ସରକାର କିଛି ଶିଖିଲେ ନାହିଁ । ସରକାରଙ୍କ ପ୍ରସ୍ତୁତି ଅଭାବରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ଆସିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅମୂଲ୍ୟ ଜୀବନହାନି, ବ୍ୟକ୍ତିଗତ ସମ୍ପତ୍ତି ଓ ଧନଜୀବନର ବ୍ୟାପକ କ୍ଷତି, ଗୋଷ୍ଠୀଗତ ଓ ସାମୁଦାୟିକ ସମ୍ପତ୍ତିର କ୍ଷତି, ସରକାରୀ ସମ୍ପତ୍ତି, ରାସ୍ତାଘାଟ, ଭିତ୍ତିଭୂମି ଓ ଅନ୍ୟାନ୍ୟ ସାର୍ବଜନୀନ ସମ୍ପତ୍ତିର ବ୍ୟାପକ କ୍ଷତି ହୋଇଛି । ଉକ୍ତ କ୍ଷୟକ୍ଷତିର ଭରଣା କରିବା ଏବଂ ସ୍ୱାଭାବିକ ଜୀବନଯାତ୍ରାକୁ ଫେରାଇ ଆଣିବା ପାଇଁ ଦୀର୍ଘ ସମୟ ଲାଗିବ । ସଠିକ୍ ଢଙ୍ଗରେ ବନ୍ୟା ପରିଚାଳନ ନ କରି ଲୋକଙ୍କ ନିକଟରେ ମିଛ ବାହାସ୍ଫୋଟ ମାରୁଛନ୍ତି ସରକାର । ବନ୍ୟା ଆସିବା ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଲେ ନାହିଁ । ଉକ୍ତ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ପ୍ରାୟ ୬ ଲକ୍ଷ ପରିବାରର ପ୍ରଭାବିତ ହୋଇଛନ୍ତି ।

# ମା' ପେଣ୍ଠ୍ରାଣୀ କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦଘାଟିତ

ଭୁବନେଶ୍ୱର, ୬।୧୧(ମହାଭାରତ): ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋମବାର ଉମରକୋଟ ମା' ପେଣ୍ଠ୍ରାଣୀ ମହାବିଦ୍ୟାଳୟଠାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁ ଉଦଘାଟନ କଲି।

ଏହା ନିଶ୍ଚିତ ଭାବରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଏକ ଶୁଭ ଖବର। ଦୂରଦୂରାନ୍ତରୁ ଆସି ଆମର ଏହି ମହାବିଦ୍ୟାଳୟରେ ଅନେକ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଯାତାୟାତ ପାଇଁ ଅନେକ ସମସ୍ୟା ମଧ୍ୟ ହୁଏ। ଆଜି ଉଦଘଟିତ ହୋଇଥିବା ଛାତ୍ରୀ ନିବାସ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦେବା ସହିତ ବିଦ୍ୟା ଅଧ୍ୟୟନ ପାଇଁ ଖୁବ୍ ସହାୟକ ହେବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# ଜାତୀୟ ବିଜ୍ଞାନ ସଂଗୋଷ୍ଠୀରେ ଓଡ଼ିଶାର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ପ୍ରଥମ ସ୍ଥାନ

ଭୁବନେଶ୍ୱର,୬।୧୧(ମହାଭାରତ): ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ବିଜ୍ଞାନ ସଂଗୋଷ୍ଠୀ ୨୦୨୬ରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ବଲାଙ୍ଗୀର ଜିଲ୍ଲା ଝାରମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୌମ୍ୟାଶ୍ରୀ ଥନାପତି। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୌମ୍ୟାଶ୍ରୀଙ୍କ ଏହି ଅସାଧାରଣ କୃତିତ୍ୱ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛି। ତାଙ୍କର ସଫଳତା ରାଜ୍ୟର ଅଗଣିତ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ଆଗକୁ ବଢ଼ିବା ସହ ନୂତନ ଉପଲବ୍ଧି ହାସଲ କରିବାକୁ ପ୍ରେରଣା ଯୋଗାଇବ।

ଏଥିସହ ମୁଖ୍ୟମନ୍ତ୍ରୀ ସୌମ୍ୟାଶ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ସେ ଆହୁରି ଉଚ୍ଚତର ସଫଳତା ହାସଲ କରନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି।

# ଆସିକାର କେନ୍ଦ୍ରୀୟ ବିଦ୍ୟାଳୟରେ ଅସ୍ଥାୟୀ ହସ୍ପିଟାଲ ଆରମ୍ଭ

ଭୁବନେଶ୍ୱର, ୬।୧୧(ମହାଭାରତ): ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଭିତିଭୂମିର ପୁନରୁଦ୍ଧାର ସ୍ଥିତି ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ।

ବନ୍ୟା ପରବର୍ତୀ ସମୟରେ ସ୍ୱାସ୍ଥ୍ୟସେବାର ସ୍ୱାଭାବିକୀକରଣ, ହସ୍ପିଟାଲଗୁଡ଼ିକର କାର୍ଯ୍ୟକ୍ଷମତା, ରୋଗୀଙ୍କ ପାଇଁ ଆବଶ୍ୟକ ସୁବିଧା, ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ବିଦ୍ୟୁତ୍, ପାନୀୟ ଜଳ ଓ ଟେଲିକମ୍ ସେବାର ପୁନରୁଦ୍ଧାର ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର କୌଣସି ରୋଗୀ ଯେପରି ଚିକିତ୍ସା ସୁବିଧାରୁ ବଂଚିତ ନହୁଅନ୍ତି, ସେଥିପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ।

ଏହି ଗସ୍ତ ସମୟରେ ମନ୍ତ୍ରୀ ଉପଖଣ୍ଡ ଚିକିତ୍ସାଳୟ, ଆସିକା ପରିଦର୍ଶନ କରି ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା ସେବା, ରୋଗୀଙ୍କ ପାଇଁ ରହିଥିବା ସୁବିଧାସୁଯୋଗ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି, ହସ୍ପିଟାଲ ପରିସରର ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଯାଂଚ କରିଥିଲେ। ବିଶେଷକରି ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଓ ସାଧାରଣ ବର୍ଜ୍ୟବସ୍ତୁର ପୃଥକୀକରଣ, ନିୟମିତ ସଫେଇ ଓ ସୁରକ୍ଷିତ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ହସ୍ପିଟାଲରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଜରୁରୀକାଳୀନ ଚିକିତ୍ସା, ଅପରେସନ୍, ଲାବୋରେଟୋରୀ ଓ ଅନ୍ୟାନ୍ୟ ଚିକିତ୍ସା ସେବା ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି ଓ ବିକଳ୍ପ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ।



ଆସିକାଠାରେ କେନ୍ଦ୍ରୀୟ ବିଦ୍ୟାଳୟ (କଠ) ଓ ମହିଳା ମହାବିଦ୍ୟାଳୟରେ ଦୁଇଟି ଅସ୍ଥାୟୀ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମହିଳା ମହାବିଦ୍ୟାଳୟରେ ଚିକିତ୍ସା ଆରମ୍ଭ ହୋଇଛି ।

ଏଥିସହ ବନ୍ୟା ପ୍ରଭାବିତ ଦୁର୍ଗମ ଓ ଜଳବନ୍ଦୀ ଅଂଚଳରେ ରହୁଥିବା ଲୋକଙ୍କ ନିକଟରେ ଚିକିତ୍ସା ସେବା ପହଞ୍ଚାଇବା ପାଇଁ ଅତିରିକ୍ତ ୨୧ଟି ମୋବାଇଲ୍ ହେଲ୍ଥ ୟୁନିଟ୍ ନିୟୋଜନ ହେବ । ଏଥିପାଇଁ ପଡ଼ୋଶୀ ଜିଲ୍ଲାରୁ ଅତିରିକ୍ତ ମୋବାଇଲ୍ ହେଲ୍ଥ ୟୁନିଟ୍ ଓ ଡାକ୍ତରୀ ଦଳ ଅଣାଯାଇ ପ୍ରଭାବିତ ଅଂଚଳରେ ନିୟୋଜିତ କରାଯିବ।

ବନ୍ୟା ପ୍ରଭାବିତ ଲୋକଙ୍କୁ ଉନ୍ନତ ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ସହଯୋଗ ନେବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିନିମନ୍ତେ ୫ଟି ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ(ହାଇଟେକ , ଆପୋଲୋ, ସମ, ବିକାଶ ଏବଂ ମହାନଦୀ ନେତ୍ରାଳୟ )ର ସହଯୋଗ ଓ ଚିକିତ୍ସା ସେବା ଯୋଗାଣ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ସେମାନେ ଆସନ୍ତା କାଲି ସୁଦ୍ଧା ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇଦେବେ । ବିପର୍ଯ୍ୟୟ ସମୟରେ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ ରହିଲେ ପ୍ରଭାବିତ ଲୋକଙ୍କୁ ଅଧିକ ଦ୍ରୁତ ଓ ଉପଯୁକ୍ତ ଚିକିତ୍ସା ସହାୟତା ମିଳିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହାପରେ ମନ୍ତ୍ରୀ ଜଗମୋହନ ଓ ଜାହାଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ବନ୍ୟା ପରବର୍ତୀ ସ୍ଥିତି, ଚିକିତ୍ସା ସେବାର ଉପଲବ୍ଧତା, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ମହଜୁଦ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗ ସ୍ୱାଭାବିକ ରହିବା ଅତ୍ୟନ୍ତ ଆବଶ୍ୟକ। ତେଣୁ ପ୍ରଭାବିତ ଅଂଚଳରେ ମୋବାଇଲ୍ ନେଟୱର୍କ ଓ ଟେଲିକମ୍ ସେବାକୁ ଶୀଘ୍ର ସ୍ୱାଭାବିକ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସେହିପରି ପାନୀୟ ଜଳଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରି ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ।

# ସୁରକ୍ଷିତ ଶୈଶବ ଅଭିଯାନ ପାଇଁ ସର୍ବଭାରତୀୟ ବିଦ୍ୟାଳୟ ସଚେତନତା ଅଭିଯାନ

ଭୁବନେଶ୍ୱର, ୬।୧୧(ମହାଭାରତ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଅକ୍ଟୋବର ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ 'ସୁରକ୍ଷିତ ବଚପନ୍ ଅଭିଯାନ' ଆୟୋଜନ କରାଯାଇ ଜିଲ୍ଲାର ୨୦ଟି ସ୍କୁଲରେ ବ୍ୟାପକ ସଚେତନତା କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସେମାନଙ୍କର ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନ୍‌ଲାଇନ୍ ସୁରକ୍ଷା, ଯୌନ ଅପରାଧ ସମ୍ପର୍କରେ ଶିଶୁ ସୁରକ୍ଷା, ମାଗଣା ଆଇନଗତ ସେବା, ସହାୟତା ଏବଂ ପରାମର୍ଶ ଓ ଶିଶୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଯାଇଛି ।

ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୩୦ ତାରିଖରେ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରଠାରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ବିରଂଚି ନାରାୟଣ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଏହି ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ସରକାରୀ ବାଳିକା ବିଦ୍ୟାଳୟ, ୟୁନିଟ୍-୧, ଭୁବନେଶ୍ୱର, କ୍ୟାପିଟାଲ୍ ହାଇସ୍କୁଲ, ୟୁନିଟ୍-୧, ଭୁବନେଶ୍ୱର, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ସରକାରୀ ଉଚ୍ଚ ବିଦ୍ୟାଳୟ, ସହିଦନଗର, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ରେ ଏହିଭଳି କାର୍ଯ୍ୟକ୍ରମ ଉକ୍ତ ଦିନ ଅନୁଷ୍ଠିତ କରାଯାଇଥିଲା ଓ ଏହି ଅଭିଯାନର ବିଭିନ୍ନ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ସାଇବର କ୍ରାଇମ୍ ଦମନ ଅଧିକାରୀ, ଜାତୀୟ ଅଧିକାର କର୍ମୀ, ସମାଜସେବୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିବାବେଳେ ପୁନଶ୍ଚ ତା. ୩୧.୧୦.୨୦୨୬ରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪, ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗଡ଼, ହରିହର ବିଦ୍ୟାପୀଠ, ଭୁବନେଶ୍ୱର, ବି.ଏମ୍. ଉଚ୍ଚ ବିଦ୍ୟାଳୟ, ଶିଶିଲୋ, ପ୍ରତାପ ଶାସନ ଉଚ୍ଚ ବିଦ୍ୟାଳୟ, ବାଲକାଟି, ମେଣ୍ଢାଶାଳ ଉଚ୍ଚ ବିଦ୍ୟାଳୟ, ମେଣ୍ଢାଶାଳ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲକାଟି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରରେ ମଧ୍ୟ ଉକ୍ତ ସୁରକ୍ଷିତ ଶୈଶବ ଅଭିଯାନ ଆରମ୍ଭ କରାଯାଇ ବ୍ୟାପକ ସଚେତନତା କରାଯାଇଥିଲା । ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସଲୋମି ସାହୁ ଏହି ଅଭିଯାନରେ ସାମିଲ ହୋଇ ବ୍ୟାପକ ସଚେତନତା ଅନୁଷ୍ଠିତ କରାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଇନଗତ ସାକ୍ଷରତା କ୍ଲବ୍ ଗଠନ ଓ ପୁନରୁଦ୍ଧାର, ସାମୟିକ ସଚେତନତା ଅଧିବେଶନ, ଶିଶୁ ହେଲପ୍‌ଲାଇନ୍ ଏବଂ ଆଇନଗତ ସହାୟତା ସୂଚନା ପ୍ରଦର୍ଶନ ଏବଂ ଶିକ୍ଷକ ଓ ଅଭିଭାବକଙ୍କ ସହ ନିରନ୍ତର ସମ୍ପର୍କ ସ୍ଥାପନ କରିବାର ପ୍ରଚେଷ୍ଟା କରାଯିବ ବୋଲି ସୂଚନା ଦେବା ସହ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ବିଚାର ବିଭାଗୀୟ/ପ୍ରଶାସନିକ ଅଧିକାରୀ ଓ ଆଇନଜୀବୀ ନ୍ୟାୟ ଅଧିକାରକର୍ମୀମାନଙ୍କୁ ଧନ୍ୟବାଦ ଦେବା ସହ ପରବର୍ତୀ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ

ଭୁବନେଶ୍ୱର,୬।୧୧(ମହାଭାରତ):ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ଅଧ୍ୟାପକମାନଙ୍କ ପାଇଁ ପାଂଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଆଇଏଚଏମ୍ )ଠାରେ ଆରମ୍ଭ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଛି । ଏହି ପ୍ରଶିକ୍ଷଣରେ ପର୍ଯ୍ୟଟନ ଓ ଆତିଥ୍ୟ ଟ୍ରେଡ୍ ର ୬୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ନଭେମ୍ବର ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ। ଏହି ପ୍ରଶିକ୍ଷଣରେ ୪ ଟି ଜିଲ୍ଲା- ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି ।

ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ, ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ପ୍ରଡକ୍ସନ ବିଭାଗ ମୁଖ୍ୟ ଶ୍ରୀ ସମ୍ପିତ ସୁମନ, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଂଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ଓ ଉପବିଭାଗ ଅଧିକାରୀ ଅନିରୁଦ୍ଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ବିନିତା ସେନାପତି ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଦକ୍ଷତା ଓ ଆତ୍ମନିର୍ଭରଶୀଳତାର ମାର୍ଗ ଦେଖାଇବା ଜରୁରୀ । ପର୍ଯ୍ୟଟନ ଓ ଆତିଥ୍ୟ ସେବା କ୍ଷେତ୍ରରେ ତାଲିମ ଛାତ୍ରଛାତ୍ରୀଙ୍କୁ ହୋଟେଲ୍ ପରିଚାଳନା ଓ ପର୍ଯ୍ୟଟନ ମାର୍ଗଦର୍ଶନ ଭଳି କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ପ୍ରଦାନ କରିଥାଏ । ଧନ୍ଦାମୂଳକ ଶିକ୍ଷା ଦ୍ୱାରା କେହି ବେକାରୀ ସମସ୍ୟାର ସମ୍ମୁଖିନ ହେବେ ନାହିଁ ବୋଲି ସେ ମତ ବ୍ୟକ୍ତ କରିଛନ୍ତି । ସେହିପରି ଶ୍ରୀ ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଔଟ ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗକୁ ପ୍ରଶଂସା କରିବା ସହ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।


# ପିଜିଟି ଶିକ୍ଷକଙ୍କ ପାଇଁ ତାଲିମ୍ କର୍ମଶାଳା

ଭୁବନେଶ୍ୱର, ୬।୧୧(ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ତାଲିମ୍ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୧୦୪ ଜଣ ବିଭିନ୍ନ ବିଷୟର ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହା ୧୦ ତମ ପ୍ରଶିକ୍ଷଣ କର୍ମଶାଳା। ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଶ୍ରୀମତୀ ସି. ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି, ପିଜିଟି ଶିକ୍ଷକମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଶିକ୍ଷାଦାନ ପଦ୍ଧତିକୁ ଅଧିକ ଗୁଣାତ୍ମକ, ଛାତ୍ରକୈନ୍ଦ୍ରିକ ଓ ପ୍ରଭାବଶାଳୀ କରିବା ପାଇଁ ଏଭଳି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ । ଶିକ୍ଷକମାନେ ନୂତନ ଶିକ୍ଷାଦାନ କୌଶଳ ଓ ଆଧୁନିକ ଶିକ୍ଷଣ ପଦ୍ଧତିକୁ ଆପଣାଇଲେ ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ସାମଗ୍ରିକ ବିକାଶରେ ଅଧିକ ଅବଦାନ ରଖିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି, ଶିକ୍ଷକମାନଙ୍କ ବୃତିଗତ ଦକ୍ଷତାର ବିକାଶ ହିଁ ଶିକ୍ଷାର ଗୁଣାତ୍ମକ ଉନ୍ନତିର ମୂଳ ଆଧାର । ଏହି ୫ ଦିନିଆ ପ୍ରଶିକ୍ଷଣ କର୍ମଶାଳାରେ ଶିକ୍ଷକମାନେ ପ୍ରଶାସନିକ ଦାୟିତ୍ୱ ସମ୍ପର୍କରେ ଅବଗତ ହେବେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ନିଯୁକ୍ତି ମେଳା ମାଧ୍ୟମରେ ପ୍ରାୟ ୧୨୧୧ ଜଣ ପିଜିଟିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେହି ପିଜିଟି ମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଠାରେ ତାଲିମ୍ ପ୍ରଦାନ କରାଯାଉଛି ।

# ପୂର୍ବତଟ ରେଳପଥରେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦

ଭୁବନେଶ୍ୱର,୬।୧୧(ମହାଭାରତ): :ପୂର୍ବ ତଟ ରେଳପଥ ପକ୍ଷରୁ ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀ ମାନଙ୍କ ପାଇଁ ୧ ନଭେମ୍ବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀ ମାନଙ୍କ ପାଇଁ ଅଧିକ ସୁଲଭ କରିବା।ପୂର୍ବ ତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି । ଏହି ଶିବିର ଗୁଡ଼ିକରେ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ।ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ,



ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସ ?ନେଲ୍) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ।

ସମ୍ବଲପୁର ଡିଭିଜନ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜି ରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚ ?ଶ୍ୱରସ୍ଥିତ କ୍ୟାରେଜ ରିପେୟାର ୱର୍କସପ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫଏ (ଚଉଚଙ୍/ଚରଇ) କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ।୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ।ଶିବିରକୁ ଆସୁଥିବା ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର , ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି।ଏହି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

## ଗଣତାନ୍ତ୍ରିକ ମୂଲ୍ୟବୋଧ

ଭାରତରେ 'କ୍ରୋନି କ୍ୟାପିଟାଲିଜମ'ର ସ୍ଥାନ ନାହିଁ ବୋଲି କହିବା ସତ୍ୟର ଅପଳାପ ହେବ! ଆମ ଦେଶରେ, ସବୁ ସରକାରଙ୍କ ଅମଳରେ ପୁଞ୍ଜିପତିମାନଙ୍କ ପ୍ରଚ୍ଛନ୍ନ ପ୍ରଭାବ ଦେଖିବାକୁ ମିଳିଛି। ବେଳେ ବେଳେ ସରକାର ଓ ପୁଞ୍ଜିପତି ହାତ ଧରାଧରି ହୋଇ ଚାଲୁଥିବା ମଧ୍ୟ ଦିଶିଛି। କିନ୍ତୁ ଆମେରିକା ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧୀ ତଥା ବ୍ୟକ୍ତି-ସର୍ବଭୌମତ୍ୱର ପୃଷ୍ଠପୋଷକ ପୁଞ୍ଜିପତି ଓ ସେମାନଙ୍କ ଦ୍ୱାରା ବଶୀଭୂତ ସରକାର ଅନ୍ତତଃ ପକ୍ଷେ ଏଠାରେ ଦେଖାଯାଆନ୍ତି ନାହିଁ। ଅଳ୍ପ ଦିନ ତଳେ ପୃଥିବୀର ସର୍ବାଧିକ ଧନିକ ଏଲନ ମସ୍କ ତାଙ୍କ ଏକ୍ସ ହାଣ୍ଡଲରେ ପ୍ରଦତ୍ତ ମନ୍ତବ୍ୟରେ ଏକ ପରୋକ୍ଷ ଆକ୍ଷେପ କରିଥିଲେ ଯେ ଭାରତର ପ୍ରକୃତ ଶାସନ-କର୍ତ୍ତା ଏକ ନିର୍ବାଚିତ ସରକାର ନୁହେଁ, ବରଂ ଜଣେ ଅମିତ ବିତ୍ତଶାଳୀ ଶିଳ୍ପପତି! ସେମିତି, ନିକଟରେ ଭାରତ ଗସ୍ତ କରିଥିବା ଆମେରିକୀୟ ସ୍ୱରାଷ୍ଟ୍ର ମନ୍ତ୍ରୀ ମାର୍କ ରୁବିଓ, ନୂଆଦିଲ୍ଲୀ ପରିବର୍ତ୍ତେ ମୁମ୍ବାଇରେ ଅବତରଣ କରି ଜାମନଗରଠାରେ ମୁକେଶ ଅମ୍ବାନୀଙ୍କ ସହିତ ସାକ୍ଷାତ ଓ ଆଲୋଚନା କରି ଫେରି ଯାଇଛନ୍ତି। କହିବା ଅନାବଶ୍ୟକ ଯେ ଲୋକକ୍ଷେତ୍ରରେ ଏହାକୁ ନେଇ ଯେଉଁ ଆଲୋଚନାର ଝଡ଼ ସୃଷ୍ଟି ହୋଇଥିଲା, ତହିଁରେ ତାତ୍କାଳିକ ବିବାଦ ହିଁ ପ୍ରମୁଖ ସ୍ଥାନ ଅଧିକାର କରିଥିଲା; ଯେମିତି ଭାରତରେ ଏଲନ ମସ୍କଙ୍କ କଂପାନି 'ଷ୍ଟାରଲିଙ୍କ' ପ୍ରବେଶ କରି ପାରୁ ନ ଥିବା ହେତୁ ତାଙ୍କ କ୍ଷୋଭ ଓ ସେଭଳି କ୍ଷୋଭର ଯାଥାର୍ଥ୍ୟ କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ଭଳି ସାମାନ୍ୟ ସୌଜନ୍ୟ ଏବଂ କୂଟନୈତିକ ଶୃଙ୍ଖଳା ପ୍ରଦର୍ଶନ କରି ନ ଥିବା ମାର୍କ ରୁବିଓଙ୍କ କାର୍ଯ୍ୟର ଔଚିତ୍ୟ ଇତ୍ୟାଦି! କିନ୍ତୁ ଏହି ପରିପ୍ରେକ୍ଷୀରେ ଯେଉଁ ବିଷୟ ଭୟ ଓ ଅସ୍ୱସ୍ତିର ଶୀତଳ ଶିହରଣ ଖେଳାଇ ଦେବା ଲାଗି ଯଥେଷ୍ଟ, ତାହା ଉପରେ ବିମର୍ଶର ବିଶେଷ ଆଲୋକ ପଡ଼ିନାହିଁ, ଯାହାକୁ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଚଳିତ ବର୍ଷ ଅଗଷ୍ଟ ମାସରେ ପ୍ରକାଶିତ, ସାମ୍ବାଦିକ ଓ ଚିନ୍ତକ ଜିଲ ଡୁରାନଙ୍କ ଦ୍ୱାରା ରଚିତ, 'ନ୍ୟୁୟର୍କ ଟାଇମ୍ସ' ପତ୍ରିକାର ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିବା ବହି 'ନର୍ଡ ରେଇକ୍'ରେ କୁହାଯାଇଛି ଯେ ଆମେରିକାର କତିପୟ ଅର୍ବପତି, ବିଶେଷ କରି ସିଲିକନ ଭ୍ୟାଲିରେ ବିଚରଣ କରୁଥିବା କିଛି ଅପରିମେୟ ବିତ୍ତର ଅଧିକାରୀ, ପୁଞ୍ଜିପତି ତଥା ଟେକ୍ କଂପାନିର ମାଲିକ ସୁବ୍ୟବସ୍ଥିତ ଭାବେ ଗଣତନ୍ତ୍ରକୁ ଭୂଲୁଣ୍ଠିତ କରିବାକୁ ଉଦ୍ୟମରତ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ପିଟର ଥିଲ, ମାର୍କ ଆଣ୍ଡରସନ, ବାଲାଜୀ ଶ୍ରୀନିବାସନ, ଏଲନ ମସ୍କ ଇତ୍ୟାଦି। ଏମାନଙ୍କ ମଧ୍ୟରୁ ପିଟର ଥିଲ୍ ଓ ବାଲାଜୀ ଶ୍ରୀନିବାସନ ଅତି ଖୋଲାଖୋଲି ଭାବେ, ବିଭିନ୍ନ ପ୍ରଭାବଶାଳୀ ମଞ୍ଚରେ, ସେମାନଙ୍କ ବ୍ୟକ୍ତି-ତାନ୍ତ୍ରିକ ଦର୍ଶନର ପ୍ରଚାରରେ ବ୍ୟାପୃତ! ପ୍ରକାଶ ଥାଉ କି ପିଟର ଥିଲଙ୍କ ଚିନ୍ତନକୁ ପ୍ରଭାବିତ କରିଛି ୧୯୯୭ ମସିହାରେ ପ୍ରକାଶିତ ପୁସ୍ତକ 'ଦ ସଭରନ ଇଣ୍ଡିଭିଜୁଆଲ' ('ସର୍ବଭୌମ ବ୍ୟକ୍ତି), ଯାହାର ମୂଳ ଉପପାଦ୍ୟ ହେଲା ଇଣ୍ଟରନେଟ, ଡିଜିଟାଲ ଅର୍ଥନୀତି ଓ 'ଏନକ୍ରିପ୍ସନ' ବା 'ଗୋପନୀୟ ଭାବେ ତଥ୍ୟ ପ୍ରେରଣର ସୂତ୍ର' ଆଦି ମାଧ୍ୟମରେ ଜଣେ ବ୍ୟକ୍ତି ସରକାର ଓ ଶାସନ ବ୍ୟବସ୍ଥାକୁ ଭ୍ରୁକ୍ଷେପ ନ କରି, ସ୍ୱଇଚ୍ଛାରେ, ସ୍ୱନିର୍ବାଚିତ ପଥରେ ନିଜ ମନୋନୀତ ସ୍ଥାନରେ ରହି ସଂପଦ ସୃଷ୍ଟି ଓ ଠୁଳ କରି ପାରିବ; ଅର୍ଥାତ୍ ରାଷ୍ଟ୍ର ନୁହେଁ, ବ୍ୟକ୍ତି ହିଁ ହେବ 'ସର୍ବଭୌମତ୍ୱର ଅଧିକାରୀ'। ସେହିଭଳି ପିଟର ଥିଲଙ୍କ ଜଣେ ଶିଷ୍ୟ, ଭାରତୀୟ ମୂଳୋଦ୍ଭବ ବାଲାଜୀ ଶ୍ରୀନିବାସନଙ୍କ ଦ୍ୱାରା ରଚିତ ଓ ୨୦୨୨ ମସିହାରେ ପ୍ରକାଶିତ ପୁସ୍ତକ 'ଦ ନେଟୱର୍କ ଷ୍ଟେଟ୍'ରେ ସେ ଥିଲଙ୍କ ଠାରୁ ଆଉ ଧାପେ ଆଗେଇ ଯାଇ କହିଛନ୍ତି କିଭଳି, ଇଣ୍ଟରନେଟ ଜରିଆରେ, ପୃଥିବୀର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସମ ମତାବଲମ୍ବୀମାନେ 'ନେଟୱର୍କ' ମାଧ୍ୟମରେ ସଂଯୋଜିତ ହୋଇ ଏକ ପ୍ରତୀୟମାନ ରାଷ୍ଟ୍ର ରୂପେ ସ୍ୱୀକୃତି ଲାଭ କରିବା ଲାଗି ଦାବି କରି ପାରନ୍ତି, ନିଜସ୍ୱ ଆଇନ ପ୍ରଣୟନ କରି ପାରନ୍ତି ବା ନିଜ ବାଟରେ ଆପଣା ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ମଧ୍ୟ ସୃଷ୍ଟି କରି ପାରନ୍ତି! ସୁତରାଂ, ଏଭଳି ସ୍ଥିତିରେ କୌଣସି ରାଷ୍ଟ୍ରର ସରକାର, ଶାସନ ବ୍ୟବସ୍ଥା ଓ ଭୌଗୋଳିକ ସୀମାରେଖା ଯେ ନିରର୍ଥକ ହୋଇଯିବ, ତାହା ସ୍ପଷ୍ଟ। ଏଥିରେ ଦ୍ୱିମତ ନାହିଁ ଯେ ସୂଚନା ପ୍ରଯୁକ୍ତି ଯୁଗର ପ୍ରାରମ୍ଭ ହେବା ପରେ ସୃଷ୍ଟି ହୋଇଥିବା ସିଲିକନ ଭ୍ୟାଲିର ଅନେକ ଅର୍ବପତି ସଂବେଦନଶୂନ୍ୟ, ଅହଙ୍କାରୀ, ତୀବ୍ର ବ୍ୟକ୍ତିବାଦୀ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ହେୟମନସ୍କ ହୋଇଥିବା ଦେଖାଯାଏ, ଯେମିତି ପିଟର ଥିଲ୍। ଜିଲ ଡୁରାନ କହନ୍ତି ଯେ ଏଭଳି ଅର୍ବପତିମାନଙ୍କ ସହିତ ଯୁଗଳ ନୃତ୍ୟରେ ଅବତୀର୍ଣ୍ଣ ହେବା ଲାଗି ଡୋନାଲ୍ଡ ଟ୍ରମ୍ପ ବା ଜେ. ଡି. ଭାନ୍ସ ବା ମାର୍କ ରୁବିଓଙ୍କ ଭଳି କ୍ଷମତାଲିପ୍ସୁ, ମତାନ୍ଧ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପଦାନତ କରିବାକୁ ପ୍ରସ୍ତୁତ ନେତାଙ୍କ ଆବିର୍ଭାବ ମଧ୍ୟ ଘଟିଛି। ଏହା ସୁବିଦିତ ଯେ ଯେକୌଣସି ଗଣତନ୍ତ୍ରରେ ନିର୍ବାଚନକୁ ପ୍ରଭାବିତ କରିବା ଲାଗି ପୁଞ୍ଜିପତିମାନେ ଆପଣା ସମର୍ଥିତ ରାଜନୈତିକ ଦଳ ଲାଗି ବିପୁଳ ଅର୍ଥ ବ୍ୟୟ କରନ୍ତି ଏବଂ ସେହି ଦଳ ଯଦି କ୍ଷମତାସୀନ ହୁଏ, ତେବେ, ନେପଥ୍ୟରୁ ପ୍ରଭାବ ବିସ୍ତାର କରି ନିଜକୁ ସୁହାଇଲା ଭଳି ନୀତି ନିର୍ଦ୍ଧାରଣ କରାଇବାଠାରୁ ନେଇ ବିଶେଷ ସୁବିଧା ଓ ଅଧିକାର ଲାଭ ପର୍ଯ୍ୟନ୍ତ ଅନେକ ସୁଯୋଗର ହିତାଧିକାରୀ ମଧ୍ୟ ହୁଅନ୍ତି, ଯାହା 'କ୍ରୋନି କ୍ୟାପିଟାଲିଜମ' ଭାବେ ଜଣାଶୁଣା। ସେହି ଦୃଷ୍ଟିରୁ ୨୦୨୪ ମସିହା ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସକାଶେ ଏଲନ ମସ୍କ କରିଥିବା ବିପୁଳ ବ୍ୟୟ (ପ୍ରାୟ ୨୯୦ ମିଲିଅନ ଡଲାର) ବିଶେଷ ଭ୍ରୂକୁଞ୍ଚନର କାରଣ ହୋଇ ନ ଥାଏ ବା ତା' ପ୍ରତିବଦଳରେ ମସ୍କଙ୍କୁ ଅନେକ ଲାଭ ମିଳିବାର ସମ୍ଭାବନାରେ ବିସ୍ମିତ ହେବାର କାରଣ ମଧ୍ୟ ନ ଥାଏ! କିନ୍ତୁ ଜିଲ ଡୁରାନଙ୍କ ମତରେ ବିଡ଼ମ୍ବନାଟି ଥିଲା ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରପତିତ୍ୱ ସମୟରେ, ପ୍ରଥମ ପାଞ୍ଚ ମାସ, ଏଲନ ମସ୍କ, ସର୍ବ ସମକ୍ଷରେ, ଜଣେ ସମାନ୍ତରାଳ ରାଷ୍ଟ୍ରପତି ରୂପେ, ଅନେକ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତିର ସୂତ୍ରଧର ହେବା। ଏହାର ଅର୍ଥ ନିର୍ବାଚିତ ନ ହୋଇ ମଧ୍ୟ ହ୍ୱାଇଟ ହାଉସରୁ ଶାସନ ଚଳାଇବା! ଡୁରାନ କହନ୍ତି ଏଭଳି ଅର୍ବପତିମାନେ ଅକାତରେ ଗଣତନ୍ତ୍ରକୁ ନତଜାନୁ କରିଦେଇ ପାରନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକାରେ ହେବାକୁ ଯାଉଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ଦଳ ସକାଶେ ଏଲନ ମସ୍କ ପ୍ରଦାନ କରିଛନ୍ତି ୪୪୫ ମିଲିଅନ ଡଲାର। ପୂର୍ବରୁ ଆମେରିକୀୟ ନିର୍ବାଚନର 'କ୍ରିପଟୋ' ମୁଦ୍ରାର କୌଣସି ଭୂମିକା ନ ଥିବାବେଳେ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସକାଶେ 'କ୍ରିପଟୋ' ସୂତ୍ରରୁ ମିଳିଛି ଅତ୍ୟନ୍ତ ବିପୁଳ ୫୪୬ ମିଲିଅନ ଡଲାର, ଯାହାର ବ୍ୟବସ୍ଥା କରିଥିବେ ପିଟର ଥିଲ୍ ବା ବାଲାଜୀ ଶ୍ରୀନିବାସନ ବା ତାଙ୍କ ସମଧର୍ମାମାନେ! ଜିଲ ଡୁରାନ କହନ୍ତି ଯେ ଏଭଳି ସ୍ଥିତିରେ ସଂବେଦନ ବିରହିତ ନିର୍ଦ୍ଦୟ ଅର୍ବପତିମାନଙ୍କ ଦ୍ୱାରା ଗଣତନ୍ତ୍ର ଖର୍ବ ହୋଇଯିବା ସୁନିଶ୍ଚିତ, ଯହିଁରେ ଟ୍ରମ୍ପ ଓ ତାଙ୍କ ସତୀର୍ଥ ରାଜନେତାମାନେ ଗଣତନ୍ତ୍ରର ସ୍ଖଳନର ଇଚ୍ଛାକୃତ ଅଂଶୀଦାର ହେବେ! ଭାରତରେ 'କ୍ରୋନି କ୍ୟାପିଟାଲିଜମ'ର ସ୍ଥାନ ନାହିଁ ବୋଲି କହିବା ସତ୍ୟର ଅପଳାପ ହେବ! ଆମ ଦେଶରେ, ସବୁ ସରକାରଙ୍କ ଅମଳରେ ପୁଞ୍ଜିପତିମାନଙ୍କ ପ୍ରଚ୍ଛନ୍ନ ପ୍ରଭାବ ଦେଖିବାକୁ ମିଳିଛି। ବେଳେ ବେଳେ ସରକାର ଓ ପୁଞ୍ଜିପତି ହାତ ଧରାଧରି ହୋଇ ଚାଲୁଥିବା ମଧ୍ୟ ଦିଶିଛି। କିନ୍ତୁ ଆମେରିକା ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧୀ ତଥା ବ୍ୟକ୍ତି-ସର୍ବଭୌମତ୍ୱର ପୃଷ୍ଠପୋଷକ ପୁଞ୍ଜିପତି ଓ ସେମାନଙ୍କ ଦ୍ୱାରା ବଶୀଭୂତ ସରକାର ଅନ୍ତତଃ ପକ୍ଷେ ଏଠାରେ ଦେଖାଯାଆନ୍ତି ନାହିଁ।

# ଆଇଡ଼ିବିଆଇ ବିକ୍ରୀପରେ ଆଉ କ'ଣ ବିକ୍ରୀହେବ

### ଗୋପାଳ ମହାପାତ୍ର

ଭାରତ ସରକାରଙ୍କ ଆର୍ଥିକ ମାମଲାର ମନ୍ତ୍ରୀମଣ୍ଡଳ କମିଟି ଅକ୍ଟୋବର (୨୦୨୬) ମାସରେ ଆଇଡ଼ିବିଆଇ ବ୍ୟାଙ୍କ କୁ କାନାଡ଼ାର ଶିଳ୍ପପତି ପ୍ରେମ ବଚ୍ଛ ଙ୍କ କମ୍ପାନୀ ଫେୟାର ଫେକ୍ସ ଫାଇନାନସିଆଲ ହୋଲଡ଼ିଙ୍ଗସ୍ କୁ ବିକ୍ରୀ କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି। ଆଇଡ଼ିବିଆଇ ବ୍ୟାଙ୍କ ବିକ୍ରୀବାବଦରେ ଭାରତ ସରକାରଙ୍କୁ ମିଳିବ ୫୨ ହଜାର ୮୨୮ କୋଟି ଟଙ୍କା। ବିକ୍ରୀର ନିୟମ ଅନୁସାରେ ଫେୟାରଫକ୍ସ ଫାଇନାନସିଆଲ ହୋଲଡ଼ିଙ୍ଗସ୍ ବ୍ୟାଙ୍କର ୬୦.୭୨ ପ୍ରତିଶତ ନିୟନ୍ତ୍ରଣ ଅଂଶୀଦାର (ମାଲିକାନା ହକ୍) ହେବ। ଏହି ବିକ୍ରୀ ଅନ୍ତିମ ରୂପ ନେବା ପରେ ଭାରତର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଇତିହାସରେ ଏହାଏକ ବୃହତ୍ ବିଦେଶୀ ନିବେଶ (ଏ'ଡ଼ିଆଇ) ରେ ପରିଣତ ହେବ। ଏ ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ଏହି ବିକ୍ରୀ ପରେ ଭାରତକୁ ପାଖାପାଖି ୫.୬ ଅରବ ଡ଼ଲାରର ବୈଦେଶିକ ମୁଦ୍ରା ମିଳିବ ଓ ଏହା ବିଦେଶୀ ମୁଦ୍ରା ଭଣ୍ଡାରକୁ ମଜଭୁତ କରିବା ସହ ଭାରତୀୟ ମୁଦ୍ରା ଟଙ୍କାର ଅବମୂଲ୍ୟାୟନ କୁ ରୋକିବାରେ ସହାୟକ ହେବ, ରାଜକୋଷୀୟ କ୍ଷତି କମିବ ଏବଂ ଲୋକଙ୍କ ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପଡ଼ିବ ନାହିଁ। ୧୯୬୪ ରେ ସ୍ଥାପିତ ଏହି ବ୍ୟାଙ୍କ ଦେଶରେ ବଡ଼ବଡ଼ ଶିଳ୍ପ, କାରଖାନା, ବୁନିଆଦି ଢ଼ାଞ୍ଚ (ସଡ଼କବିଦ୍ୟୁତ, ବନ୍ଧ) ପାଇଁ ଋଣ ଦେଉଥିଲା। ୧୯୯୧ ର ଆର୍ଥୀକ ଉଦାରୀକରଣ ପରେ ସରକାର ଙ୍କ ନିର୍ଦ୍ଦେଶ ପରେ ବ୍ୟାଙ୍କ ଦେଉଥିବା ଦୀର୍ଘ ଅବଧିର ଶସ୍ତା ଋଣ ବ୍ୟବସ୍ଥା କୁ ବ୍ୟାଙ୍କ ଧିରେଧିରେ ବନ୍ଦ କରିଦେଇଥିଲେ। ୨୦୦୩ ରେ ଏକ ନୂଆ ଆଇନ ପ୍ରଣୟନ ପରେ ୨୦୦୪ ରେ ଏହା କମର୍ସିଆଲ ବ୍ୟାଙ୍କରେ ପରିଣତ ହୋଇଥିଲେ। ୨୦୦୪ ପରଠାରୁ ଆଇଡ଼ିବିଆଇ ବ୍ୟାଙ୍କରେ ଅବ୍ୟବସ୍ଥା ଆରମ୍ଭ ହେଲା ଓ ୨୦୦୪ ରୁ ୨୦୧୦ ମ୍ଭରେ ଏହି ବ୍ୟାଙ୍କର ଆର୍ଥୀକ ପରିସ୍ଥିତି ଭୟଙ୍କର ହୋଇ ଯାଇଥିଲା। ୨୦୧୮ ସେପ୍ଟେମ୍ବର ସୁଦ୍ଧା ବ୍ୟାଙ୍କର ଏନ୍‌ପିଏ ୩୧ ପ୍ରତିଶତ ରୁ ଅଧିକ ହୋଇଥିଲା। ଏହାର ଅର୍ଥ ହେଉଛି ବ୍ୟାଙ୍କ ଦେଇଥିବା ପ୍ରତି ୩ ଟଙ୍କା ଋଣ ମଧ୍ୟରୁ ଏକ ଟଙ୍କା ଡୁବିଯାଇଛି। ଅବସ୍ଥା ଏପରି ହେଲା ଯେ ରିଜର୍ଭବ୍ୟାଙ୍କ କୁ ଆଇଡ଼ିବିଆଇ ର କାର୍ଯ୍ୟଧାରା ଉପରେ ପ୍ରତିବନ୍ଧ ଲଗାଇବାକୁ ପଡ଼ିଥିଲା।

ବ୍ୟାଙ୍କର ସ୍ଥିତି କୁ ସମ୍ଭାଳିବା ପାଇଁ ୨୦୧୮ ରେ ଭାରତ ସରକାର ଜୀବନବୀମା ନିଗମକୁ ଏହାର ୫୧ ପ୍ରତିଶତ ଅଂଶଧନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୀବନବୀମା ନିଗମ ହାତକୁ ନିୟନ୍ତ୍ରଣ ଆସିବା ପରେ ଆଇଡ଼ିବିଆଇ ବ୍ୟାଙ୍କ ଅନେକ କଠୋର ଆର୍ଥୀକ ଅନୁଶାସନ ଲାଗୁ କରିଥିଲା। ଯେତେବେଳେ ବ୍ୟାଙ୍କର ଅବସ୍ଥା ସୁଧୁରିବାକୁ ଲାଗିଲା ସେତେବେଳେ ସରକାର ଏହାକୁ ବିକ୍ରୀ କରିବା ପାଇଁ ଚିନ୍ତା କଲେ। କିନ୍ତୁ ବିକ୍ରୀ ପାଇଁ ଏକ ଆଇନଗତ ପ୍ରତିବନ୍ଧ ଥିଲା। ୨୦୦୩ ରେ କେନ୍ଦ୍ର ସରକାର ଯେତେବେଳେ ଆଇଡ଼ିବିଆଇ କୁ ଏକ ବାଣିଜ୍ୟିକ (କମର୍ସିଆଲ) ବ୍ୟାଙ୍କରେ ପରିଣତ କଲେ ସେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ସଂସଦରେ ପ୍ରତିଶ୍ରୁତି ଦେଇଥିଲେ ଏହି ବ୍ୟାଙ୍କରେ ସର୍ବନିମ୍ନ ସରକାରୀ ଅଂଶଧନ ୫୧ ପ୍ରତିଶତ ସର୍ବଦା ସରକାରଙ୍କ ପାଖରେ ରହିବ। ବର୍ତ୍ତମାନର ସରକାର ବ୍ୟାଙ୍କ କୁ ବିକ୍ରୀ କରିବା ପାଇଁ ଉଦ୍ୟମ କଲାବେଳେ ଏହା ପ୍ରତିବନ୍ଧକ ସାଜିଲା।




ବ୍ୟାଙ୍କକୁ କୌଣସି ଘରୋଇ ବା ବିଦେଶୀ କମ୍ପାନୀକୁ ବିକ୍ରୀ କରିବା ପାଇଁ ୨୦୦୩ ର ପ୍ରତିବନ୍ଧକ କୁ ହଟାଇବା ପାଇଁ ୨୦୨୧ ରେ କେନ୍ଦ୍ର ସରକାର ଏକ ନୂଆ ଆଇନ୍ (ବିତ୍ତ ଅଧିନିୟମ ୨୦୨୧) ପ୍ରଣୟନ କଲେ ଓ ସରକାରୀ ଅଂଶଧନ ୫୧ ପ୍ରତିଶତ ର ସୀମା କୁ ହଟାଇଦେଲେ।

ଆଇନ୍‌ଗତ ବାଧା ହଟିବା ପରେ ମଧ୍ୟ ଆଇଡ଼ିବିଆଇ କୁ ବିକ୍ରୀ କରିବା ସହଜ ନଥିଲା। ୨୦୨୬ ର ପ୍ରାରମ୍ଭରେ ସରକାର ଏହାର ବିକ୍ରୀ ପାଇଁ ଉଦ୍ୟମ କରିଥିଲେ କିନ୍ତୁ ବିକ୍ରୀ ହୋଇପାରିନଥିଲା। ପ୍ରାରମ୍ଭରେ ଅନେକ ନିବେଶକ ଆଇଡ଼ିବିଆଇ ବ୍ୟାଙ୍କ କୁ କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ସରକାରଙ୍କ ଲମ୍ବା ପ୍ରକ୍ରିୟା କାରଣରୁ ପଛକୁ ହଟିଯାଇଥିଲେ। ଓକ୍ ଟ୍ରି କ୍ୟାପିଟାଲ ଭଳି ବିଦେଶୀ କମ୍ପାନୀ ବିକ୍ରୀ ପ୍ରକ୍ରିୟାରେ ବିଳମ୍ବ ପାଇଁ ମ୍ପ ପଛକୁ ହଟିଯାଇଥିଲେ। ଭାରତର ଅନ୍ୟତମ ଘରୋଇ ବ୍ୟାଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଇଡ଼ିବିଆଇକୁ କିଣିବାକୁ ଚାହୁଁଥିଲା କିନ୍ତୁ ସର୍ତ୍ତ ରଖିଥିଲା ଯେ ଆଇଡ଼ିବିଆଇର ନାମ ପରିବର୍ତ୍ତନ କରି କୋଟାକ ମହିନ୍ଦ୍ରା ବ୍ୟାଙ୍କ ରଖାଯିବ। କିନ୍ତୁ ନାମ ପରିବର୍ତ୍ତନ କୁ ନେଇ ବିବାଦ ଉପୁଜିଥିଲା। ସେହିଭଳି ଦୁବାଇର ଏମିରେଟସ ଏନବିଡ଼ି ମଧ୍ୟ ଆଇଡ଼ିବିଆଇ କିଣିବାରୁ ଓହରି ଯାଇଥିଲା। କାରଣ ଦୁବାଇର ଏହି କମ୍ପାନୀ ଭାରତର ଆରବିଏଲ୍ ବ୍ୟାଙ୍କ କୁ କିଣିବା ପାଇଁ ଅର୍ଥ ନିବେଶ କରିସାରିଥିଲା। ଏତଦ୍ ବ୍ୟତୀତ ବ୍ୟାଙ୍କର ୯୫ ପ୍ରତିଶତ ଅଂଶଧନ ସରକାର ଏବଂ ଜୀବନବୀମା ନିଗମ ହାତରେ ଥିବାରୁ ଏହାର ମୂଲ୍ୟ କୃତ୍ରିମ ରପରେ ଅଧିକ ଦେଖାଯାଉଥିଲା। ଏପରିକି ବ୍ୟାଙ୍କର ପୁରୁଣା କର୍ମଚାରୀଙ୍କ ଭବିଷ୍ୟତ ର ପେନସନ ମଧ୍ୟ ନିବେଶକ ଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ପରିଶେଷରେ କାନାଡ଼ାର ଫେୟାରଫକ୍ସ ଆଇଡ଼ିବିଆଇ କୁ କ୍ରୟ କରିବ ବୋଲି ଚୂଡ଼ାନ୍ତ ହୋଇଛି।

କେନ୍ଦ୍ର ସରକାର ଆଇଡ଼ିବିଆଇ ର ଶେୟାର ବା ଅଂଶଧନର ମୂଲ୍ୟ ୭୫ଟଙ୍କା୯୯ପଇସା ରଖିଥିବା ବେଳେ କାନାଡ଼ା କମ୍ପାନୀ ପ୍ରତି ଅଂଶଧନ କୁ ୮୧ ଟଙ୍କାରେ କିଣିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତ୍ୟକ୍ଷ ନିବେଶର ଅର୍ଥ ହେଉଛି କୌଣସି ବିଦେଶୀ କମ୍ପାନୀ ଭାରତର କୌଣସି କମ୍ପାନୀ ରେ ଅଧିକ ଅର୍ଥ ନିବେଶ କରି ତାର ନିୟନ୍ତ୍ରଣ କୁ ହାତକୁ ନେବା। ଏୟାର ଇଣ୍ଡିଆ ପରେ ଏହା ହେଉଛି ସବୁଠାରୁ ବଡ଼ ବିନିବେଶ ଯେଉଁଠି ସରକାରୀ କମ୍ପାନିକୁ ସରକାର ପୁରାପୁରି ଗରୋଇ ହାତକୁ ଟେକି ଦେଇଛନ୍ତି। ଭାରତରେ ୧୯୯୧ ରେ ଆର୍ଥୀକ ଉଦାରୀକରଣ ଆରମ୍ଭ ହୋଇଥିଲା। ଭାରତ ସମାଜବାଦୀ ଅର୍ଥ ବ୍ୟବସ୍ଥା ରୁ ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ଆଡ଼କୁ ମୁହାଁଇଲା। ସରକାରୀ କମ୍ପାନୀରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିବା (ଅଂଶଧନ ବିକ୍ରୀ କରିବା) ଆରମ୍ଭ କରିଦେଲେ। କଂଗ୍ରେସ ସରକାର ଅମଳରେ ଆର୍ଥୀକ ଉଦାରୀକରଣ ହୋଇଥିଲା କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏକ ପୂର୍ଣ୍ଣକାଳୀନ ବିନିବେଶ ମନ୍ତ୍ରୀ ଙ୍କୁ ଅବସ୍ଥାପିତ କରି ସରକାରୀ କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର ଏପରିକି ବିକ୍ରୀ କୁ ଅଧିକ ଗତି ଦେଇଥିଲେ। ବାଜପେୟୀଙ୍କ ସରକାରର ବିନିବେଶ ମନ୍ତ୍ରୀ ଥିଲେ ପ୍ରଖ୍ୟାତ ସାମ୍ବାଦିକ ଅରୁଣ ସୌରି ଓ ତାଙ୍କର କାମଥିଲା ସରକାରୀ କମ୍ପାନୀକୁ ବିକି ସେଥିରୁ ପ୍ରାପ୍ତ ଧନକୁ ସରକାରଙ୍କ ତହବିଲରେ ଭରିବା। ବାଜପେୟୀଙ୍କ ପରେ ଏବେର ସରକାର ବିନିବେଶ କୁ ଅଧିକ ତ୍ୱରାନିତ କରିଛନ୍ତି। ଏହିକ୍ରମରେ ଆଇଡ଼ିବିଆଇ କୁ କାନାଡ଼ା କମ୍ପାନୀ କୁ ବିକ୍ରୀ କରାଯାଉଛି। ଦେଖାଯାଉ ଆଗକୁ ଆଉ କ'ଣ କ'ଣ ସବୁ ବିକ୍ରୀ ହେବ


ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪


# ରାଷ୍ଟ୍ରୀୟ ଅସ୍ମିତା ଏବେ ଅଦାଲତର କାଠଗଡ଼ାରେ

### ଗୋଲଖ ଚନ୍ଦ୍ର ଦାସ

ଯେତେବେଳେ କୌଣସି ଦେଶର ସାଂସ୍କୃତିକ, ସାମାଜିକ କିମ୍ବା ରାଷ୍ଟ୍ରୀୟ ପରିଚୟ ଆଇନ ଓ ନ୍ୟାୟପାଳିକାର ପରିସରକୁ ଆସେ, ସେତେବେଳେ ସମ୍ବିଧାନ, ବ୍ୟକ୍ତିଗତ ସ୍ୱାଧୀନତା ଓ ଜନଭାବନା ମଧ୍ୟରେ ସନ୍ତୁଳନର ପ୍ରଶ୍ନ ଉଠିଥାଏ। 'ବନ୍ଦେ ମାତରମ୍'କୁ ନେଇ ବର୍ତ୍ତମାନର ଆଇନଗତ ବିତର୍କ ମଧ୍ୟ ଏହି ବଡ଼ ପ୍ରଶ୍ନ ସହ ଜଡ଼ିତ।

ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ୍' ଭାରତର ରାଷ୍ଟ୍ରୀୟ ଗୀତ। ସ୍ୱାଧୀନତା ସଂଗ୍ରାମରେ ଏହା ଦେଶପ୍ରେମ ଓ ଆନ୍ଦୋଳନର ଏକ ପ୍ରମୁଖ ପ୍ରତୀକ ଥିଲା। ୧୮୯୬ର କଂଗ୍ରେସ ଅଧିବେଶନରେ ରବୀନ୍ଦ୍ରନାଥ ଠାକୁର ଏହାକୁ ଗାଇଥିଲେ ଏବଂ ୧୯୦୫ର ସ୍ୱଦେଶୀ ଆନ୍ଦୋଳନରେ ଏହା ରାଷ୍ଟ୍ରୀୟ ଚେତନାର ଏକ ଶକ୍ତିଶାଳୀ ପ୍ରତୀକ ହୋଇଉଠିଥିଲା।

୨୪ ଜାନୁଆରୀ ୧୯୫୦ର ସମ୍ବିଧାନ ସଭାର କାର୍ଯ୍ୟବାହୀରେ 'ଜନ ଗଣ ମନ'କୁ ରାଷ୍ଟ୍ରୀୟ ସଙ୍ଗୀତ ଭାବେ ଗ୍ରହଣ କରାଯିବା ସହ 'ବନ୍ଦେ ମାତରମ୍'କୁ ମଧ୍ୟ ସମାନ ସମ୍ମାନ ଦିଆଯିବାର କଥା ତତ୍କାଳୀନ ସଭାପତି ଡ. ରାଜେନ୍ଦ୍ର ପ୍ରସାଦ ଉଲ୍ଲେଖ କରିଥିଲେ।

କେନ୍ଦ୍ର ସରକାର 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଆଇନ'ରେ ସଂଶୋଧନ ଆଣି ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌ର ସମସ୍ତ ୬ଟି ଅନ୍ତରା ଗାଇବାକୁ ବାଧ୍ୟତାମୂଳକ କରିଥିଲେ। ସଙ୍ଗୀତଜ୍ଞ ଟି.ଏମ୍. କ୍ରିଷ୍ଣା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ ବନ୍ଦେ ମାତରମ୍‌ର ଶେଷ ୪ଟି ପଦରେ ହିନ୍ଦୁ ଦେବଦେବୀ—ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଆରାଧନା ରହିଛି। ତାଙ୍କ ମତରେ, ଏହାକୁ ଗାଇବା ପାଇଁ ବାଧ୍ୟ କରିବା ଦ୍ୱାରା ଦେଶର ଧର୍ମନିରପେକ୍ଷତାର ଆଦର୍ଶ କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଏହି ମାମଲାରେ ସୁପ୍ରିମକୋର୍ଟ କହିଥିବା ମତ ଅନୁଯାୟୀ, 'ବନ୍ଦେ ମାତରମ୍' ରାଷ୍ଟ୍ରୀୟ ଗୀତ। ଏହାର କେତେ ଅନ୍ତରା ରହିବ କିମ୍ବା ସଙ୍ଗୀତର ରୂପରେଖ କିପରି ହେବ, ତାହା ନିର୍ଦ୍ଧାରଣ କରିବା କୋର୍ଟର କାମ ନୁହେଁ; ଏହା ଗଣତାନ୍ତ୍ରିକ ସରକାରଙ୍କ ଅଧିକାର ଭିତରେ ଆସେ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ୧୯୮୬ର 'ବିଜୋଇ ଇମାନୁଏଲ ବନାମ କେରଳ ସରକାର' (ଈସହକ୍ଷର ରଞ୍ଜଙ୍ଖବଭଙ୍କରକ୍ଷ ଙ୍ଖ. ଝସ୍ତବବସ୍ତର କ୍ଷ୍ଟଲ କରକ୍ସବକ୍ଷବ) ମାମଲାର ଉଦାହରଣ ଦେଇଛନ୍ତି। ସେହି ମାମଲାରେ କୋର୍ଟ କହିଥିଲେ ଯେ, ଯଦି କେହି ନିଜ ଧାର୍ମିକ ବିଶ୍ୱାସ କାରଣରୁ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରୁନାହାନ୍ତି, ମାତ୍ର ସମ୍ମାନର ସହ ଠିଆ ହେଉଛନ୍ତି, ତେବେ ସେ ଦଣ୍ଡନୀୟ ନୁହନ୍ତି। ବନ୍ଦେ ମାତରମ୍‌କୁ ନେଇ ଚାଲିଥିବା ଏହି ଆଇନଗତ ଲଢ଼େଇ ପୁଣିଥରେ ରାଷ୍ଟ୍ରୀୟ ଅସ୍ମିତାକୁ ଅଦାଲତର କାଠଗଡ଼ାରେ ଠିଆ କରିଛି। ପ୍ରଶ୍ନ ହେଉଛି—ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ମଧ୍ୟ ବ୍ୟକ୍ତିର ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରିବା ଉଚିତ୍ କି ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ସଂଶୋଧନ ଏହା କହେ ନାହିଁ ଯେ ପ୍ରତ୍ୟେକ ନାଗରିକଙ୍କୁ ବନ୍ଦେ ମାତରମ୍



ଗାଇବାକୁ ହିଁ ପଡ଼ିବ ଏବଂ ନ ଗାଇଲେ ତାଙ୍କୁ ଜେଲ୍ ହେବ। ସଂଶୋଧିତ ଆଇନ ରାଷ୍ଟ୍ରୀୟ ଗୀତର ଗାନକୁ ରୋକିବା କିମ୍ବା ଏହାର ଗାନ ହେଉଥିବା ସଭାରେ ବାଧା ସୃଷ୍ଟି କରିବାକୁ ଦଣ୍ଡନୀୟ କରିଥାଏ। ଏଥିପାଇଁ ସର୍ବାଧିକ ତିନି ବର୍ଷ ପର୍ଯ୍ୟନ୍ତ ଜେଲ, ଜୋରିମାନା କିମ୍ବା ଉଭୟର ବ୍ୟବସ୍ଥା ଥିବା କଥା ମଧ୍ୟ ଉଲ୍ଲେଖ କରାଯାଇଛି। ଅର୍ଥାତ୍, କୌଣସି ବ୍ୟକ୍ତିଙ୍କର ଶାନ୍ତିପୂର୍ଣ୍ଣ ଉପାୟରେ ଗୀତ ନ ଗାଇବା ଏବଂ କୌଣସି ସାର୍ବଜନୀନ ଆୟୋଜନରେ ଜାଣିଶୁଣି ବାଧା ସୃଷ୍ଟି କରିବା ମଧ୍ୟରେ ଆଇନଗତ ପାର୍ଥକ୍ୟ ରହିଛି। ସୁପ୍ରିମକୋର୍ଟଙ୍କ ବର୍ତ୍ତମାନର ଶୁଣାଣି ଏହି ସାମ୍ବିଧାନିକ ସୀମାର ପରୀକ୍ଷା କରୁଛି।

ଏଠାରେ ମୂଳ ପ୍ରଶ୍ନ କେବଳ କେହି ଗୀତ ଗାଇବେ କି ନାହିଁ ତାହା ନୁହେଁ। ପ୍ରଶ୍ନ ହେଉଛି—ରାଷ୍ଟ୍ରୀୟ ପ୍ରତୀକ ପ୍ରତି ସମ୍ମାନ ଏବଂ ନାଗରିକଙ୍କ ମୌଳିକ ଅଧିକାର ମଧ୍ୟରେ ସୀମାରେଖା କେଉଁଠି ରହିବ ଭାରତୀୟ ଧର୍ମନିରପେକ୍ଷତାର ମୂଳ ଭାବନା ହେଉଛି—ରାଷ୍ଟ୍ର ସମସ୍ତ ଧର୍ମ ପ୍ରତି ସମାନ ବ୍ୟବହାର କରିବ। ସମ୍ବିଧାନର ଅନୁଚ୍ଛେଦ ୨୫ରୁ ୨୮ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା କରେ। ତେଣୁ ଧର୍ମନିରପେକ୍ଷତାର ଅର୍ଥ କୌଣସି ଧର୍ମକୁ ଅସ୍ୱୀକାର କରିବା ନୁହେଁ; ବରଂ ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ଓ ସମାନତାକୁ ସୁରକ୍ଷା କରିବା। ଏହି କସଟି କେବଳ ବନ୍ଦେ ମାତରମ୍ ପ୍ରସଙ୍ଗରେ ନୁହେଁ, ଧାର୍ମିକ ସଂସ୍ଥା, ଧାର୍ମିକ ସମ୍ପତ୍ତି ଓ ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ରାଷ୍ଟ୍ରୀୟ ନୀତିରେ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ ହେବା ଉଚିତ୍।

ବନ୍ଦେ ମାତରମ୍ ପ୍ରସଙ୍ଗରେ ଧର୍ମନିରପେକ୍ଷତାକୁ ଚୟନାତ୍ମକ ଢଙ୍ଗରେ ବ୍ୟବହାର କରାଯାଇପାରିବ ନାହିଁ। ଯଦି ଧାର୍ମିକ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ, ତେବେ ତାହା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ, ଜୈନ ଏବଂ ପ୍ରତ୍ୟେକ ଅନ୍ୟ ନାଗରିକ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଯଦି ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ଆବଶ୍ୟକ, ତେବେ ତାହାର ଆଶା ମଧ୍ୟ ସମସ୍ତଙ୍କଠାରୁ ସମାନ ହେବା ଉଚିତ୍। ଯଦି ଧାର୍ମିକ ସଂସ୍ଥାଗୁଡ଼ିକୁ ଆଇନ ଅନୁସାରେ ନିଜର ମାମଲାଗୁଡ଼ିକର ପରିଚାଳନା କରିବାର ଅଧିକାର ରହିଛି, ତେବେ ରାଷ୍ଟ୍ରର ନିୟମନ ମଧ୍ୟ ସମାନ ସାମ୍ବିଧାନିକ କସଟି ଉପରେ ହେବା ଉଚିତ୍। ଧର୍ମନିରପେକ୍ଷତା ଯଦି ପ୍ରକୃତରେ ସମ୍ବିଧାନର ଏକ ମୂଲ୍ୟ, ତେବେ ତାହାକୁ ଅର୍ଦ୍ଧ-ଅଧୁରା ସୁବିଧା ଭାବରେ ନୁହେଁ, ବରଂ ଏକ ପୂର୍ଣ୍ଣ ସାମ୍ବିଧାନିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରିବା ଆବଶ୍ୟକ। ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ସୁରକ୍ଷିତ ରହୁ, କୌଣସି ସମୁଦାୟ ସହିତ ଧର୍ମର ଆଧାରରେ ପାତରଅନ୍ତର କରା ନ ଯାଉ ଏବଂ ସେହିପରି ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ତଥା ଆଇନର ଶାସନର ସୁରକ୍ଷା ହେଉ—ଏହା ହିଁ ସେହି ସନ୍ତୁଳନ, ଯାହା ଭାରତ ପରି ଏକ ବହୁଧାର୍ମିକ ଗଣତନ୍ତ୍ରର ଆବଶ୍ୟକତା ରହିଛି। ଏଥିରେ କୌଣସି ହିନ୍ଦୁ, ମୁସଲମାନ ବା ଅନ୍ୟ ମତ, ପନ୍ଥ କିମ୍ବା ଧର୍ମର କଥା ନାହିଁ। ଏତିକି ତ ବନ୍ଦେ ମାତରମ୍‌ର ବିରୋଧ କରୁଥିବା ଭାରତର ନାଗରିକମାନେ ବୁଝିପାରିବେ!

ମନ୍ଦିର, ୱାକଫ୍ ସମ୍ପତ୍ତି, ଚର୍ଚ୍ଚ ଓ ଅନ୍ୟାନ୍ୟ ଧାର୍ମିକ ନ୍ୟାସର ପ୍ରଶାସନରେ ରାଷ୍ଟ୍ରର ଭୂମିକା କେଉଁ ଆଇନଗତ ମାନଦଣ୍ଡରେ ନିର୍ଦ୍ଧାରିତ ହେବ—ଏହି ପ୍ରଶ୍ନ ଉପରେ ମଧ୍ୟ ସମାନ ସାମ୍ବିଧାନିକ ଦୃଷ୍ଟିକୋଣ ଆବଶ୍ୟକ। ସେହିପରି, ସମ୍ବିଧାନର ଅନୁଚ୍ଛେଦ ୨୯ ଓ ୩୦ ସଂଖ୍ୟାଲଘୁମାନଙ୍କ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାରକୁ ସୁରକ୍ଷା କରେ। ଏହି ବ୍ୟବସ୍ଥାଗୁଡ଼ିକ ସମାନତାର ବ୍ୟାପକ ସାମ୍ବିଧାନିକ ଧାରଣା ସହ କିପରି ସନ୍ତୁଳିତ ହେବ, ତାହା ନେଇ ମଧ୍ୟ ନିରନ୍ତର ଆଲୋଚନା ଆବଶ୍ୟକ। ରାଷ୍ଟ୍ରୀୟ ପ୍ରତୀକର ସମ୍ମାନ ଗଣତାନ୍ତ୍ରିକ ନାଗରିକତାର ଏକ ଅଂଶ। ତେବେ ସେହି ସମ୍ମାନ ନିଶ୍ଚିତ କରିବା ସମୟରେ ବ୍ୟକ୍ତିର ଧାର୍ମିକ ବିଶ୍ୱାସ ଓ ମୌଳିକ ଅଧିକାରକୁ ମଧ୍ୟ ବିଚାର କରିବାକୁ ହେବ। ଏହି ଦୁଇଟି ମୂଲ୍ୟ ପରସ୍ପର ବିରୋଧୀ ହେବା ଆବଶ୍ୟକ ନୁହେଁ। ଆବଶ୍ୟକତା ହେଉଛି ଏପରି ଏକ ସାମ୍ବିଧାନିକ ସନ୍ତୁଳନ, ଯେଉଁଠାରେ ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ସୁରକ୍ଷିତ ରହିବ, କୌଣସି ସମୁଦାୟ ପ୍ରତି ଧର୍ମ ଆଧାରରେ ପାତରଅନ୍ତର ହେବ ନାହିଁ ଏବଂ ରାଷ୍ଟ୍ରୀୟ ପ୍ରତୀକ ପ୍ରତି ସମ୍ମାନ ମଧ୍ୟ ଅବିକଳ ରହିବ। ବନ୍ଦେ ମାତରମ୍ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ସ୍ମୃତି ଓ ରାଷ୍ଟ୍ରୀୟ ଚେତନାର ପ୍ରତୀକ ତେଣୁ ଏହାକୁ ନେଇ ମତଭେଦ ହେବା ଅନୁଚିତ। ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ବନ୍ଦେ ମାତରମ୍ ର ସମସ୍ତ ୬ଟି ଅନ୍ତରାକୁ ଗାଇ ରାଷ୍ଟ୍ରୀୟ ସଂଗୀତକୁ ସମ୍ମାନ ଜଣାଇବା।


**ଏଫ୍ -୩୫, ଏନ୍ ଏ ସି ଫ୍ଲାଟ, ୟୁନିଟ-୩,**
**ଖାରବେଳନଗର, ଭୁବନେଶ୍ୱର,ମୋ-୯୮୬୧୦୬୯୫୫୩**


# ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀର ବିଶ୍ଳେଷଣ

### ସାହାବୁଦ୍ଦିନ୍

ଇସଲାମ୍, ଜୀବନର ଏକ ସମ୍ପୂର୍ଣ୍ଣ ସଂହିତା ପରି ଯାହା ମାନବ ଜୀବନର ପ୍ରତ୍ୟେକ ଦିଗ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥାଏ । ଏହା କେବଳ କର୍ମକର୍ମାଣି କିମ୍ବା ଧାର୍ମିକ ପ୍ରାୟୋଗିକ କାର୍ଯ୍ୟଗୁଡ଼ିକରେ ସୀମିତ ନୁହେଁ, ବରଂ ଏହା ବ୍ୟକ୍ତିଗତ ଆଚରଣ, ସାମାଜିକ ସମ୍ପର୍କ, ଅର୍ଥନୈତିକ ବ୍ୟବସ୍ଥା, ନୈତିକତା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ମଧ୍ୟ ବିସ୍ତାର କରିଥାଏ । ବର୍ତ୍ତମାନର ଆଧୁନିକ ଯୁଗରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଦ୍ରୁତ ଗତିରେ ଅଗ୍ରସର ହେବା ସହିତ ବିଶ୍ୱ ଏକ ଗ୍ଲୋବାଲ୍ ଭିଲେଜ୍ ?ରେ ପରିଣତ ହୋଇଛି, ଯେଉଁଠି ମାନବ ସମାଜ ଅନେକ ସୁବିଧା ଓ ସୁଯୋଗର ଲାଭ ଉଠାଉଛି । ତଥାପି ବର୍ତ୍ତମାନ ସମୟରେ ଲୋକମାନେ ଅଧିକ ମାନସିକ ଚାପ, ନୈତିକ ଅଧୋପତନ ଏବଂ ଆଧ୍ୟାତ୍ମିକ ଶୂନ୍ୟତାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷିରେ ଇସଲାମିକ୍ ଜୀବନଶୈଳୀର ପ୍ରାସଙ୍ଗିକତା ଗୁରୁତ୍ୱ ବହନ କରିଥାଏ ।

ବସ୍ତୁବାଦ ହେଉଛି ଆଧୁନିକ ସମାଜର ଏକ ପ୍ରଭାବଶାଳୀ ବିଶେଷତା । ଅନେକ ସମୟରେ ଲୋକମାନେ ସଫଳତାକୁ ସମ୍ପତ୍ତି, ସ୍ଥିତି ଏବଂ ପ୍ରସିଦ୍ଧି ବା ଖ୍ୟାତି ଦୃଷ୍ଟିରୁ ମାପ କରିଥାନ୍ତି । ଏହି ପାର୍ଥିବ ସଫଳତା ପଛରେ ଶୈଢ଼ି ଶୈଢ଼ି ବ୍ୟକ୍ତି ନିଜର ଆଭ୍ୟନ୍ତରୀଣ ଶାନ୍ତି ଓ ନୈତିକ ଆଧାର ହରାଇଥାନ୍ତି । କିନ୍ତୁ ଇସଲାମ୍ ଅନୁସାରେ ପ୍ରକୃତ ସଫଳତା ଈଶ୍ୱରଙ୍କ ସନ୍ତୋଷ, ନୈତିକ ପବିତ୍ରତା ଏବଂ ପରଲୋକରେ ସଫଳତା ମଧ୍ୟରେ ନିହିତ । କୁରାନ୍ ନ୍ୟାୟ, ସତ୍ୟନିଷ୍ଠା, ଧୈର୍ଯ୍ୟ, ସଂଯମ ଏବଂ ଧାର୍ମିକତାକୁ ଏକ ସନ୍ତୁଳିତ ଜୀବନ ପାଇଁ ଅତ୍ୟାବଶ୍ୟକ ମୂଲ୍ୟବୋଧ ଭାବରେ ବାରମ୍ବାର ଗୁରୁତ୍ୱାରୋପ କରିଥାଏ ।

ଇସଲାମିକ୍ ଜୀବନଶୈଳୀର ଏକ ମୁଖ୍ୟ ନୀତି ହେଉଛି ସଂଯମତା । ଇସଲାମ୍ ନା ସାଂସାରିକ ଜୀବନରୁ ସମ୍ପୂର୍ଣ୍ଣ ବିରତିକୁ ପ୍ରୋତ୍ସାହିତ କରେ, ନା ଭୌତିକ ସୁଖରେ ଅନ୍ଧ ଭାବରେ ମଜ୍ଜି ରହିବାକୁ ଉତ୍ସାହିତ କରେ । ବରଂ, ଏହା ସାଂସାରିକ ଦାୟିତ୍ୱ ଏବଂ ଆଧ୍ୟାତ୍ମିକ କର୍ତ୍ତବ୍ୟ ମଧ୍ୟରେ ଏକ ସନ୍ତୁଳିତ ପଥ ପ୍ରଦାନ କରେ । ଆଜିର ଦୁନିଆରେ, ଯେଉଁଠି ଲୋକମାନେ ପ୍ରାୟତଃ ଅତ୍ୟଧିକ ବସ୍ତୁବାଦ ଏବଂ ସୀମାହୀନ ନୈତିକ ସ୍ୱାଧୀନତାକୁ ନେଇ ଦୋଦୋପାଞ୍ଚ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ସେଠାରେ ସନ୍ତୁଳନର ନୀତି ଏକ ଅର୍ଥପୂର୍ଣ୍ଣ ସମାଧାନ ପ୍ରଦାନ କରିଥାଏ ।ସାମାଜିକ ଜୀବନରେ ଇସଲାମ୍ ମାନବ ଅଧିକାର ଏବଂ ଦାୟିତ୍ୱ ଉପରେ ଦୃଢ଼ ଗୁରୁତ୍ୱ ଦିଏ । ମାତାପିତାଙ୍କୁ ସମ୍ମାନ ଦେବା, ପଡ଼ ?ଶୀଙ୍କ ପ୍ରତି ଦୟା ଭାବ ରଖିବା, ପାରିବାରିକ ସମ୍ପର୍କ ବଜାୟ ରଖିବା, ଅନାଥ ଏବଂ ଦରିଦ୍ରଙ୍କୁ ସହାୟତା କରିବା, ଏବଂ ସମାଜରେ ନ୍ୟାୟକୁ ପ୍ରାଧାନ୍ୟ ଦେବା ଇସଲାମର ମୌଳିକ ଶିକ୍ଷା ଅଟେ । ଯଦି ଏହି ନୀତିଗୁଡ଼ିକୁ ଆଧୁନିକ ସମାଜରେ ବ୍ୟାପକ ଭାବରେ ଗ୍ରହଣ କରାଯାଏ ତେବେ ହିଂସା, ଅସମାନତା, ଦୁର୍ନୀତି ଏବଂ ଭେଦଭାବ ଭଳି ଅନେକ ସାମାଜିକ ସମସ୍ୟାକୁ ଉଲ୍ଲେଖନୀୟ ଭାବେ କମ୍ କରାଯାଇପାରିବ ।ଇସଲାମ୍ ଏକ ଦୃଢ଼ ନୈତିକ ଢାଞ୍ଚାକୁ ପ୍ରୋତ୍ସାହିତ କରେ। ସତ୍ୟବାଦିତା, ନିଷ୍ଠା, ନମ୍ରତା, ଧୈର୍ଯ୍ୟ ଏବଂ ଆତ୍ମନିୟନ୍ତ୍ରଣକୁ ମୌଳିକ ଗୁଣ ଭାବରେ ବିବେଚନା କରାଯାଏ । ଦୁର୍ଭାଗ୍ୟବଶତଃ ଆଧୁନିକ ସମାଜରେ ଅସାଧୁତା, ଲୋଭ, ଇର୍ଷା ଏବଂ ସ୍ୱାର୍ଥପରତା ଧୀରେ ଧୀରେ ବଢ଼ିଚାଲିଛି, ଯାହା ସାମାଜିକ ବନ୍ଧନ ଏବଂ ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରୁଛି ।ଅର୍ଥନୈତିକ ଦୃଷ୍ଟିକୋଣରୁ ଇସଲାମ୍ ଏକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ ବ୍ୟବସ୍ଥା ଉପସ୍ଥାପନ କରେ ଯାହା ଶୋଷଣ, ସୁଧ କାରବାର ଏବଂ ଅନ୍ୟାୟପୂର୍ଣ୍ଣ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଏ ନାହିଁ । ଆଜିର ବିଶ୍ୱ ବ୍ୟବସ୍ଥାରେ ପରିଲକ୍ଷିତ ଅର୍ଥନୈତିକ ଅସମାନତା ଏବଂ ଦାରିଦ୍ର୍ୟ ମୁଖ୍ୟତଃ ଅନୈତିକ ଆର୍ଥିକ କାର୍ଯ୍ୟକଳାପ ଓ ନୈତିକ ଉତ୍ତରଦାୟିତ୍ୱର ଅଭାବ ଯୋଗୁଁ ହୋଇଥାଏ ।

ଇସଲାମରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି । କୁରାନ୍ ?ର ସର୍ବପ୍ରଥମ ବାଣୀ 'ପଢ଼' ଶବ୍ଦରୁ ଆରମ୍ଭ, ଯାହା ଜ୍ଞାନର ଗୁରୁତ୍ୱକୁ ଦର୍ଶାଇଥାଏ । ଇସଲାମିକ୍ ସଭ୍ୟତା ଐତିହାସିକ ଭାବରେ ବିଜ୍ଞାନ, ଚିକିତ୍ସା, ଗଣିତ ଏବଂ ଦର୍ଶନ ଶାସ୍ତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛି । ଏପରିକି ଯଦି ଧାର୍ମିକ ଏବଂ ସାଂସାରିକ ଶିକ୍ଷା ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ଏକ ସମଗ୍ରବାଦୀ ଓ ନୈତିକ ଦୃଷ୍ଟିକୋଣରୁ ଜ୍ଞାନ ଅର୍ଜନ କରାଯାଏ, ତେବେ ଉଲ୍ଲେଖନୀୟ ପ୍ରଗତି ହୋଇପାରିବ ।ଆଧୁନିକ ଯୁଗରେ ଗଣମାଧ୍ୟମ ଏବଂ ସୋସିଆଲ୍ ନେଟୱର୍କ ଲୋକଙ୍କ ଆଚରଣକୁ ପ୍ରଭାବିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ମାଧ୍ୟମଗୁଡ଼ିକ ଯୋଗାଯୋଗ ଏବଂ ସୂଚନା ଆଦାନ ପ୍ରଦାନରେ ସହାୟକ ହେଉଥିଲେ ମଧ୍ୟ ବେଳେବେଳେ ଏଗୁଡ଼ିକ ନୈତିକ ଅବକ୍ଷୟ, ଭୁଲ ସୂଚନାର ପ୍ରସାର ଏବଂ ମାନସିକ ଚାପ ବୃଦ୍ଧିର କାରଣ ମଧ୍ୟ ହୋଇଥାନ୍ତି । ଗଠନମୂଳକ ଓ ନୈତିକ ଉଦ୍ଦେଶ୍ୟ ସାଧନକୁ ସୁନିଶ୍ଚିତ କରି ଇସଲାମିକ୍ ଜୀବନଶୈଳୀ ସମସ୍ତ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରେ ।ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀ କେବଳ ଏକ ଧାର୍ମିକ ଆବଶ୍ୟକତା ନୁହେଁ, ବରଂ ଏହା ମାନବ ଜୀବନ ପାଇଁ ଏକ ବ୍ୟବହାରିକ ଏବଂ ସନ୍ତୁଳିତ ବ୍ୟବସ୍ଥା । ଏହା ଆଜି ସମ୍ମୁଖୀନ ହେଉଥ ?ିବା ଅନେକ ନୈତିକ, ସାମାଜିକ ଏବଂ ମାନସିକ ସମସ୍ୟାର ସମାଧାନ ପ୍ରଦାନ କରିଥାଏ । ଇସଲାମିକ୍ ନୀତିଗୁଡ଼ିକୁ ଗ୍ରହଣ କରି ଜଣେ ଆଭ୍ୟନ୍ତରୀଣ ଶାନ୍ତି ପ୍ରାପ୍ତ ହୋଇପାରିବ, ଏବଂ ସମାଜଗୁଡ଼ିକ ନ୍ୟାୟ, ସଦ୍ଭାବ ଏବଂ ସମୃଦ୍ଧି ଆଡ଼କୁ ଅଗ୍ରସର ହୋଇପାରିବ । ଇସଲାମ୍ ଏଭଳି ଏକ ମାର୍ଗଦର୍ଶିକା ଅଟେ ଯାହା ପ୍ରତ୍ୟେକ ଯୁଗ ପାଇଁ, ବିଶେଷକରି ଆଧୁନିକ ବିଶ୍ୱର ଜଟିଳତା ମଧ୍ୟରେ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଢିଙ୍କିଆ ଗ୍ରାମକୁ ନୂତନ ରାସ୍ତା ନିର୍ମାଣ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଶିଳାନ୍ୟାସ ଅନୁଷ୍ଠିତ



ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅଧିନସ୍ଥ ଢିଙ୍କିଆ ଚାରିଦେଶରେ ଜେଏସଡବ୍ଲ୍ୟୁ ପକ୍ଷରୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପ୍ରକଳ୍ପ ଆଗେଇ ଚାଲିଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ପକ୍ଷରୁ ଗ୍ରାମୀଣ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ କମ୍ପାନୀ ପକ୍ଷରୁ ବହୁ ପଦକ୍ଷେପମାନ ନିଆଯାଉଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଏବଂ ଜେଏସଡବ୍ଲ୍ୟୁ ଫାଏଣ୍ଡେସନ୍ ପକ୍ଷରୁ ଢିଙ୍କିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ ଗ୍ରାମ ପଂଚାୟତର ବିକାଶ ସମେତ ସାମାଜିକ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜେଏସଡବ୍ଲ୍ୟୁ ନିରନ୍ତର ଭାବେ ପ୍ରୟାସ କରୁଥିବା ନେଇ କମ୍ପାନୀ ପକ୍ଷରୁ ପ୍ରେସ୍ ଇସ୍ତାହାରୁ ସୂଚନା ମିଳିଛି । ଏହି ରାସ୍ତା ୧୯୦ମିଟର ଲମ୍ବ ଓ ୧୨ ଫୁଟ୍ ଚଉଡା ବିଶିଷ୍ଟ ନିର୍ମାଣ ହେବ । ଏହା ଗ୍ରାମବାସୀଙ୍କ ଦୀର୍ଘ ଦିନର ଆବଶ୍ୟକତାକୁ ପୂରଣ କରିବ । ଏହି ଶିଳାନ୍ୟାସ ସମାରୋହରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପ ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ସମରେନ୍ଦ୍ର ପଟ୍ଟନାୟକ, ଫାଉଣ୍ଡେସନ୍ ସିଏସଆର୍ ମୁଖ୍ୟ ଅଭିଜିତ ମହାନ୍ତି, ଢିଙ୍କିଆ ଗ୍ରାମ୍ୟ କମିଟି ସଭାପତି ମୁରଲୀଧର ସାହୁ, ଓାର୍ଡ ସଭ୍ୟ ଅନିଲ ଭୋଳ, ଅନନ୍ତ ସ୍ୱାଇଁ, ବସନ୍ତ ଗୋଛାୟତଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ ।

## ପାରାଦୀପର ଶ୍ରମିକ ନେତା, ଯୁବ ଉଦ୍ୟୋଗପତି, ସମାଜସେବୀ ଓ ସାମ୍ବାଦିକ ସମ୍ବର୍ଦ୍ଧିତ



ପାରାଦୀପ, (ମହାଭାରତ) : ପାରାଦୀପ ର ଜଣାଶୁଣା ଶ୍ରମିକ ନେତା ତଥା ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକ, ଯୁବ ଉଦ୍ୟୋଗପତି ପ୍ରଭାକର ସାହୁ ଓ ପ୍ରୀତିରଞ୍ଜନ ମହାପାତ୍ର, ସମାଜସେବୀ ସୁଧାଂଶୁ ନାୟକ, ସାମ୍ବାଦିକ ସୁମନ୍ତ କୁମାର ସ୍ୱାଇଁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗୁରବାର ସନ୍ଧ୍ୟାରେ କାକଟପୁର ର ଅସ୍ତରଙ୍ଗ ସ୍ଥିତ 'ମା ଲକ୍ଷ୍ମୀ କ୍ଲବ' ର ୪୭ତମ ନାଟ୍ୟ ପ୍ରତିଯୋଗିତା ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶେଷ ଅବଦାନ ପାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ହେବା ପରେ ରାକେଶ ପଟ୍ଟନାୟକ ଙ୍କ ସମେତ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ମନେ କ୍ଲବର ଏପରି ଆଭିମୁଖ୍ୟ କୁ ପ୍ରଶଂସା କରିବା ସହ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ୩ ଟି ପଞ୍ଚାୟତରେ ଶିକ୍ଷାର ନୂତନ ସୂର୍ଯ୍ୟୋଦୟ, ୫ କୋଟି ଟଙ୍କାରେ ନିର୍ମାଣ ହେବ ଗୋଦାବରୀ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ




ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଆଖୁଆପାଳ, ଚାନ୍ଦପୁର, କଙ୍କିଳୀ ପଞ୍ଚାୟତରେ ଶିକ୍ଷା କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂତନ ଅଧ୍ୟାୟ । ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଏଗଇଚଠ)ର ଶୁଭ ଶିଳାନ୍ୟାସ ଶ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ପ୍ରକଳ୍ପ ତଥା ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ୫ କୋଟି ଟଙ୍କାର ବୃହତ୍ ଅନୁଦାନ ମଞ୍ଜୁର କରିଥିଲେ । ଏହି ଅବସରରେ ୩ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସଂମ୍ମାନିତ ଅତିଥି ପରଜଙ୍ଗ ବିଡ଼ିଓ ସୌଭାଗ୍ୟ ବେହେରା, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ଦଳବେହେରା, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ,ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ନୂତନ ଉନ୍ନତି ଆସିବା ସହ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ଓ ଆଧୁନିକ ଶିକ୍ଷା ପରିବେଶ ପାଇବାର ସୁଯୋଗ ପାଇବେ ବୋଲି ପରଜଙ୍ଗ ବିଧାୟକ ଶ୍ରୀ ବିଭୁତି ଭୂଷଣ ପ୍ରଧାନ ଆଶା ପ୍ରକାଶ କରିଛନ୍ତି ।ଏହି ୩ ଟି ପଞ୍ଚାୟତକୁ ଏଭଳି ଏକ ଗୌରବମୟ ପ୍ରକଳ୍ପର ସୁଯୋଗ ଦେଇଥିବାରୁ ମାନ୍ୟବର ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପରଜଙ୍ଗର ଲୋକପ୍ରିୟ ବିଧାୟକ ଶ୍ରୀ ବିଭୂତି ଭୂଷଣ ପ୍ରଧାନଙ୍କୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ଜଣାଯାଇଛି । ଏଠାରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ସହ ବିଜେପି କର୍ମୀ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

## ଜଗତସିଂହପୁର ଜିଲ୍ଲା କରାଟେ-ଡୋ ଆସୋସିଏସନ୍ ସାଧାରଣ ପରିଷଦ ବୈଠକ




ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କରାଟେ-ଡୋ ଆସୋସିଏସନ୍ ସାଧାରଣ ପରିଷଦ ବୈଠକ ପାରାଦୀପ ମଧୁବନଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସୋସିଏସନ୍‌ର ଆଇନ୍ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ପବ୍ଲିକ୍ ସଂଜୟ କୁମାର ମିଶ୍ର ପୌରହିତ୍ୟ କରିଥିଲେ । ଜିଲ୍ଲାରେ କରାଟେର ବ୍ୟପକ ପ୍ରସାର କରିବା ପାଇଁ ବୈଠକରେ ଯୋଗ ଦେଇଥିବା ବରିଷ୍ଠ କରାଟେ ପ୍ରଶିକ୍ଷକମାନେ ମତ ଦେଇଥିଲେ । ଆସୋସିଏସନ୍ ପଂଜୀକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ଆସୋସିଏସନ୍‌ର ମୁଖ୍ୟପୃଷ୍ଠପୋଷକ ଭାବେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପୃଷ୍ଠପୋଷକ ବରିଷ୍ଠ କ୍ରୀଡାବିତ୍ ଧୂନଚନ୍ଦ୍ର ତରାଇ, ସଭାପତି ଡ. ବିଭୂପ୍ରସାଦ ତରାଇ, ସାଧାରଣ ସମ୍ପାଦକ ସିହାନ ସଂଜୟ ଶାହା, ଟେକନିକାଲ ଡାଇରେକ୍ଟର କାହ୍ନୁ ମଲିକ, କୋଷାଧକ୍ଷ ପ୍ରଶାନ୍ତ କୁମା ବିଶ୍ୱାସଙ୍କ ସମେତ ଉପସଭାପତି, ସହ ସମ୍ପାଦକ ଆଦି ପାଇଁ କର୍ମକର୍ତା ମନୋନୟନ କରାଯାଇଥିଲା । ଆଇନ୍ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ପବ୍ଲିକ୍ ସଂଜୟ କୁମାର ମିଶ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ କରାଟେ ପ୍ରଶିକ୍ଷକମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

## ପାରାଦୀପ ପୌରପାଳିକାରେ ମହା ଦୂର୍ନିତୀ ଅଭିଯୋଗରେ ଉପାଧକ୍ଷାଙ୍କ ଧାରଣା- ଅଭିଯୋଗକୁ ଖଣ୍ଡନ କଲେ ନଗରପାଳ

ପାରାଦୀପ- ୦୬।୧୧ – ପାରାଦୀପ ପୌରପାଳିକାରେ ମହାଦୂର୍ନିତୀ ଅଭିଯୋଗ ନେଇ ଶୁକ୍ରବାର ଦିନ ପାରାଦୀପ ମଧୁବନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତୀ ନିକଟରେ ଧାରଣା ଦେଇଛନ୍ତି । ପାରାଦୀପ ପୌରପାଳିକାରେ ସଫେଇ, ମହିଳା ସଶକ୍ତିକରଣରେ ଏସଏଚଜି ମହିଳାମାନଙ୍କୁ ଅଣଦେଖା କରିବା ଆଦି ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ସମ୍ପର୍କରେ ସେ ଏକ ଦାବୀପତ୍ର ଅତିରିକ୍ତ ଜିଲ୍ଲାପାଳ ପାରାଦୀପଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଜଣାପଡିଛି । ତାଙ୍କ ସହିତ ଧାରଣାରେ ପାରିଷଦ ଜୟନ୍ତୀ ମାଦେଲି, ମନୋଜ କୁମାର ନାୟକ ବସିଥିବା ଦେଖିବାକୁ ମିଳିଛି । ରିପୋର୍ଟ ଲେଖା ହେବା ବେଳକୁ ଧାରଣା ଜାରୀ ରହିଛି । ଏ ସମ୍ପର୍କରେ ନଗରପାଳଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଭିତିହୀନ ଓ କପୋଳକଳ୍ପିତ ବୋଲି କହିଛନ୍ତି ।

## ମା' ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ତରଫରୁ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରଙ୍ଗ (ମହାଭାରତ): ଆସୁଛି ମା' ଶ୍ୟାମାକାଳୀଙ୍କ ପୂଜା । ଏହାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି । କଟକ ସଦର ଥାନା ପୁଲିସ ପକ୍ଷରୁ ବଡ଼ଝରିଲୋର ପ୍ରସିଦ୍ଧ କାଳୀପୂଜାର ସୁପରିଚାଳନା ନିମନ୍ତେ ଏକ ସମନ୍ୱୟ ବୈଠକ ମା' ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ଅନୁଷ୍ଠାନର ଚେୟାରମ୍ୟାନ ଡ଼ଃ. ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ବୈଠକରେ କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର ଶୃଙ୍ଖଳା ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ପୂଜାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରଖିବା, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶାଳୀନତା ଓ ଶୃଙ୍ଖଳାର ସହ ପରିବେଷଣ କରିବା ସହ ଭସାଣି ଉତ୍ସବକୁ ଡିଜେ ମୁକ୍ତ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ ଉତ୍ସବ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜେ, ସେଥିପାଇଁ ଏକ ଅସ୍ଥାୟୀ ପୁଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବ ବୋଲି ଘୋଷଣା କରିଥିଲେ । ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଲାଗି ପୂଜା ମଣ୍ଡପ ଓ ମୀନାବଜାର ଅଞ୍ଚଳରେ ୧୦ଟି ଉଚ୍ଚକ୍ଷମତା ସମ୍ପନ୍ନ ସିସିଟିଭି କ୍ୟାମେରା ଲଗାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଅନ୍ୟପକ୍ଷରେ ଯାତ୍ରାପାର୍ଟି ପକ୍ଷରୁ ନାଟକ ପରିବେଷଣ ଦିନ ଟ୍ରାଫିକ୍ ନିୟନ୍ତ୍ରଣ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ନିୟୋଜିତ ସ୍ୱେଚ୍ଛାସେବୀମାନଙ୍କୁ ପରିଚୟପତ୍ର ଦିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା । ବୈଠକରେ ଅନୁଷ୍ଠାନର ସଭାପତି ପ୍ରତାପଚନ୍ଦ୍ର ପଣ୍ଡା, ପ୍ରାକ୍ତନ ସରପଞ୍ଚ ତଥା ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର, କୁରାଙ୍ଗଶାସନ ପଞ୍ଚାୟତ ସମିତି ସଭ୍ୟ ସତ୍ୟବ୍ରତ ଜେନା, ବ୍ରାହ୍ମଣଝରିଲୋ ପୁଲିସ ଏଡ୍ ପୋଷ୍ଟର ଏଏସଆଇ ପ୍ରଶାନ୍ତ କୁମାର ପରିଡ଼ା, ସାଂସ୍କୃତିକ ସମ୍ପାଦକ ଦିନେଶ ଦାସ ଓ ସାଧାରଣ ସମ୍ପାଦକ ସୁବୋଧ ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ମନୋରଞ୍ଜନ ଦାସ, ରବିନାରାୟଣ ଦାସ, ନିତାଇଗୌର ଦାସ, ସଦାଶିବ ପାଲ, ଅସିତ ଶାସମଲ, ବିଦ୍ୟାଧର ମଲିକ, ଆଲୋକବରଣ ସିହ୍ନା, ରତିରଞ୍ଜନ ମହାନ୍ତି, ଗିରିଜାଶଙ୍କର ମହାପାତ୍ର, ବଣ୍ଟି ଦାସ, ନବ ପାତ୍ର ଓ ଗୋପାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ବଡ଼ଝରିଲୋର ମା' ଶ୍ୟାମାକାଳୀଙ୍କ ପୂଜା ୫୩ତମ ବର୍ଷରେ ପଦାର୍ପଣ କରୁଛି । କଟକ ସଦର ଥାନା ଅଞ୍ଚଳର ଏହି ବୃହତ୍ତମ ଉତ୍ସବରେ ଶତାଧିକ ଅସ୍ଥାୟୀ ଦୋକାନ, ଦୋଳି ଓ ଯାତ୍ରାପାର୍ଟିର ଆୟୋଜନ ହେବ । ଆସନ୍ତା ୮ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ଉତ୍ସବସ୍ଥଳ ମୁଖରିତ ହେବ । ତେଣୁ ଏହି ଜନସମାଗମପୂର୍ଣ୍ଣ ଉତ୍ସବକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ପୁଲିସ ଓ ପୂଜା କମିଟିର ମିଳିତ ପ୍ରୟାସ ଏବେଠାରୁ ଆରମ୍ଭ ହୋଇଛି ।



## ବାତ୍ୟା ପରେ ବନ୍ୟା ବିପତ୍ତି, ସବୁ ଉଜାଡ଼ିଦେଲା ପ୍ରକୃତି !

ହିଞ୍ଜିଳିକାଟୁ: (ମହାଭରାତ )ବାତ୍ୟା ଆସିଲା, ତା' ପରେ ବନ୍ୟା ଆସିଲା । ଆଉ ବନ୍ୟାର କରାଳ ରୂପରେ ଧୋଇଗଲା ବର୍ଷ ବର୍ଷର ଝାଳବୁହା ପରିଶ୍ରମରେ ଗଢ଼ିଥିବା ସମ୍ପତ୍ତି । ଆଖି ଆଗରେ ଉଜୁଡ଼ିଗଲା ବ୍ୟବସାୟ, ନଷ୍ଟ ହୋଇଗଲା ଜୀବନର ସଞ୍ଚିତ ପୁଞ୍ଜି । ହେଲେ ଏତେ ବଡ଼ ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା କେବେ ମିଳିବ, ତାହା ଏବେ ବଡ଼ ପ୍ରଶ୍ନ । ପ୍ରକୃତିର ଦାଉ ପରେ ପ୍ରଶାସନିକ ସହାୟତା ଅପେକ୍ଷାରେ ଦିନ କାଟୁଛନ୍ତି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ନୂଆ ବୁରୁପଡ଼ା ଗ୍ରାମର ରମେଶ ଚନ୍ଦ୍ର ପାତ୍ରଙ୍କ ପରିବାର ।ସୂଚନା ଅନୁଯାୟୀ, ଗ୍ରାମରେ ଥିବା ମା' ସମଲାଇ ରାଇସ୍ ମିଲ୍ ଏବଂ ଏହା ସଂଲଗ୍ନ ଜଗନ୍ନାଥ ଟ୍ରେଡ଼ର୍ସ ସିମେଣ୍ଟ ଓ ରଡ୍ ଦୋକାନରେ ବନ୍ୟା ଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ବନ୍ୟାର ପ୍ରବଳ ସ୍ରୋତରେ ଦୋକାନ ଘରର କିଛି ଅଂଶ ଭାଙ୍ଗିଯାଇଥିବା ବେଳେ ଗଛିତ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଛି । ପ୍ରାୟ ୩୦୦ ବସ୍ତାରୁ ଉର୍ଦ୍ଧ୍ୱ ସିମେଣ୍ଟ ଓ ପ୍ରାୟ ୧୮୦୦ କିଲୋଗ୍ରାମ ଲୁହା ରଡ୍ ବନ୍ୟା ପାଣିରେ କ୍ଷତିଗ୍ରସ୍ତ ହୋଇଛି ।ସେହିପରି ରାଇସ୍ ମିଲ୍ ?ରେ ଗଛିତ ଥିବା ଧାନ ଓ ଚାଉଳ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଯାଇଛି । ମିଲ୍ ?ର କୋଠାବାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଏଭଳି ସ୍ଥିତିରେ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବା ରମେଶ ଚନ୍ଦ୍ର ପାତ୍ରଙ୍କ ପରିବାର ପାଇଁ ଏକ ବଡ଼ ଆହ୍ୱାନ ହୋଇଛି ।ରମେଶ ଚନ୍ଦ୍ର ପାତ୍ରଙ୍କ ଦାବି ଅନୁଯାୟୀ, ମିଲ୍, ଦୋକାନ, ଧାନ, ଚାଉଳ, ସିମେଣ୍ଟ, ରଡ୍ ଓ କୋଠାବାଡ଼ି ସମେତ ସମସ୍ତ ସମ୍ପତ୍ତିରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ହୋଇଛି । ବର୍ଷ ବର୍ଷ ଧରି ଦିନରାତି ପରିଶ୍ରମ କରି ଯାହା ରୋଜଗାର ଓ ସଞ୍ଚୟ କରିଥିଲେ, ତାହା ଗୋଟିଏ ବନ୍ୟାରେ ନଷ୍ଟ ହୋଇଯାଇଛି । ବ୍ୟବସାୟ ଉପରେ ନିର୍ଭରଶୀଳ ପରିବାର ଏବେ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି ।ଏଠାରେ ପ୍ରଶ୍ନ ଉଠୁଛି, ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତଙ୍କ ପାଖରେ ପ୍ରଶାସନ କେତେ ଶୀଘ୍ର ପହଞ୍ଚୁଛି ? ବ୍ୟବସାୟୀଙ୍କ ଏତେ ବଡ଼ କ୍ଷତିର ଆକଳନ କେବେ ହେବ? କେବଳ ଘରୋଇ କ୍ଷତି ନୁହେଁ, ଦୋକାନ, ମିଲ୍ ଓ ଜୀବିକା ହରାଇଥିବା ଲୋକଙ୍କ ପାଇଁ କି ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ରହିଛି? ବନ୍ୟା ପୂର୍ବରୁ ପ୍ରସ୍ତୁତି ଓ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନରେ ପ୍ରଶାସନର ଭୂମିକାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।କ୍ଷତିଗ୍ରସ୍ତ ପରିବାରର ଦାବି, ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ସଠିକ୍ ଆକଳନ କରୁ ଏବଂ ସରକାରୀ ନିୟମ ଅନୁଯାୟୀ ଯଥାସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ । ନଚେତ୍ ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ଏହି ବ୍ୟବସାୟକୁ ପୁଣି ଥରେ ଠିଆ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ।ପ୍ରକୃତିର ବିପର୍ଯ୍ୟୟକୁ ମଣିଷ ରୋକି ପାରିବ ନାହିଁ, କିନ୍ତୁ ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ପୁନର୍ବାସ ଯୋଗାଇବା ସରକାର ଓ ପ୍ରଶାସନର ଦାୟିତ୍ୱ । ଏବେ ଦେଖିବାକୁ ବାକି ରହିଲା, ପାତ୍ର ପରିବାରର ଏହି ଆର୍ତ୍ତନାଦ ପ୍ରଶାସନ ଓ ସରକାରଙ୍କ କାନରେ କେବେ ପହଞ୍ଚୁଛି, ଏବଂ କ୍ଷତିଗ୍ରସ୍ତ ପରିବାରକୁ କେବେ ମିଳୁଛି ନ୍ୟାୟସଙ୍ଗତ ସହାୟତା ।

## ରାଇଘର ମୁଖ୍ୟ ବଜାରରେ ଖାଦ୍ୟ ସୁରକ୍ଷା ବିଭାଗର ଅଚାନକ ଚଢ଼ାଉ

ରାଇଘର, (ମହାଭାରତ): ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଚଳିବ ନାହିଁ । ଖାଦ୍ୟ ସାମଗ୍ରୀର ମାନ ଓ ସ୍ୱଚ୍ଛତା ଯାଞ୍ଚ ପାଇଁ ଆଜି ରାଇଘର ମୁଖ୍ୟ ବଜାରରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି ।ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଯାଞ୍ଚ ସମୟରେ ମୁଖ୍ୟ ବଜାର ନିକଟରେ ଥିବା ବିଭିନ୍ନ ହୋଟେଲ ଓ ମିଠା ଦୋକାନଗୁଡ଼ିକରେ ଖାଦ୍ୟ ସାମଗ୍ରୀର ଗୁଣବତ୍ତା, ସଂରକ୍ଷଣ ପ୍ରଣାଳୀ ଏବଂ ପରିବେଶର ସ୍ୱଚ୍ଛତା ଯାଞ୍ଚ କରାଯାଇଥିଲା ।ଏହି ଚଢ଼ାଉ ସମୟରେ ମା' କାଳୀ ମିଠା ଦୋକାନର ଫ୍ରିଜ୍ ଭିତରେ ରଖାଯାଇଥିବା ପ୍ରାୟ ୩୦ କିଲୋଗ୍ରାମ ଖୁଆ ଖରାପ ଅବସ୍ଥାରେ ଥିବା ଅଧିକାରୀମାନଙ୍କ ନଜରକୁ ଆସିଥିଲା । ଏହି ଖୁଆକୁ ଆଗାମୀ ଦିନରେ ମିଠା ପ୍ରସ୍ତୁତି ପାଇଁ ରଖାଯାଇଥିବା ସୂଚନା ମିଳିଛି । ଯାଞ୍ଚ ପରେ ଉକ୍ତ ଖୁଆକୁ ଜବତ କରାଯାଇ ଆବର୍ଜନା ଗାଡ଼ିରେ ଲୋଡ୍ କରି ନଷ୍ଟ କରିବା ପାଇଁ ନିଆଯାଇଥିବା ଦେଖିବାକୁ ମିଳିଥିଲା ।ଏଥିସହିତ ଦୋକାନୀମାନଙ୍କୁ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ବଜାୟ ରଖିବା, ଖାଦ୍ୟକୁ ଉପଯୁକ୍ତ ଭାବେ ସଂରକ୍ଷଣ କରିବା ଏବଂ ଦୋକାନ ପରିସରକୁ ସଫାସୁତୁରା ରଖିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତାଗିଦ୍ କରିଥିଲେ ।ଏବେ ପ୍ରଶ୍ନ ଉଠୁଛି, ଗ୍ରାହକମାନେ ଯେଉଁ ମିଠାକୁ ଭରସା କରି କିଣୁଛନ୍ତି, ସେହି ମିଠା ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ କେତେ ସୁରକ୍ଷିତ ?ପ୍ରଶାସନର ଏଭଳି ଅଚାନକ ଯାଞ୍ଚକୁ ସାଧାରଣ ଲୋକ ସ୍ୱାଗତ କରୁଥିବା ବେଳେ ଏହି ଯାଞ୍ଚ କେବଳ ଗୋଟିଏ ଦିନରେ ସୀମିତ ନରହି ନିୟମିତ ଭାବେ ଜାରି ରହିବା ଆବଶ୍ୟକ । ଯାହାଦ୍ୱାରା ରାଇଘରର ଗ୍ରାହକମାନେ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ପାଇପାରିବେ ।




## ତୁରୁମୁଙ୍ଗା ରେ ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ କାର୍ଯ୍ୟକ୍ରମ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚାର ଟି ପଞ୍ଚାୟତ ରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ କରକମଳ ରେ ତୃତୀୟ ପର୍ଯ୍ୟାୟ ରେ ଆଭାସୀ ଭିଡିଓ କନଫରେନ୍ସ ମାଧ୍ୟମରେ ବାଉଁଶୁଳି,ତୁରୁମୁଙ୍ଗା,ବୁଢ଼ୀକାପୁଡ଼ି, ଚାକୁଣ୍ଡାପାଳ ପଞ୍ଚାୟତ ରେ ଗୋଦାବରୀଶ ମିଶ୍ର ଅର୍ଦଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତିଭୂମି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଲେଖା ନାଏକ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆସୁଲତା ସାହୁ, ତୁରୁମୁଙ୍ଗା ସମିତି ସଭ୍ୟ, ପ୍ରକାଶ କୁମାର ରାୟ ପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ, ଦଧି ବାମନ ଉଚ୍ଚ ବିଦ୍ୟାଳୟ, ତୁରୁମୁଙ୍ଗା ର ପ୍ରଧାନ ଶିକ୍ଷକ ଭୀମସେନ ପାତ୍ର, ଧରଣୀଧର ଦାସ,ଶିକ୍ଷାବିତ ନିର୍ମଳ ଚନ୍ଦ୍ର ସାହୁ,କୁଳମଣି ସାହୁ,ଗୋପିନାଥ ସାହୁ,ଅଶୋକ କୁମାର ସାହୁ,ସମାଜ ସେବୀ ମୋଚିରାମ ସାହୁ,ସତ୍ୟନାରାୟଣ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ସି.ରା.ସି ଲିପଟନ୍ ସାହୁ ପରିଚାଳନା କରିଥିଲେ । ଏହି ଉତ୍ସବ ରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । କାର୍ଯ୍ୟକ୍ରମ କୁ ତୁରୁମୁଙ୍ଗା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପଣ୍ଡା,ନିଶିତ କୁମାର ରାଉତ, ଶିକ୍ଷକ ଶିକ୍ଷୟିତ୍ରୀ ଦମୟନ୍ତୀ ମହାନ୍ତ, ଧର୍ମେନ୍ଦ୍ର ପାତ୍ର ସଂପୂର୍ଣ୍ଣ ସହଯୋଗ କରିଛନ୍ତି ।

# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା







## ଦୀପାବଳିରେ ବାଣନୁହେଁ ମାଟିଦୀପ ବ୍ୟବହାର ପାଇଁ ଶପଥନେଲେ ଛାତ୍ରଛାତ୍ରୀ

ଓଡ଼ଗାଁ,(ମହାଭାରତ): ଓଡଗାଁ ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଧନୁର୍ଜୟପୁର ଠାରେ ଗୁରୁବାର ମାଟି ତିଆରି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ହରଷ ଦାସଙ୍କ ସମେତ ଅଭିଭାବକ ମାନେ ଯୋଗଦେଇ ଥିଲେ ।ଛାତ୍ରଛାତ୍ରୀମାନେ ମାଟିରେ ତିଆରି ସାମଗ୍ରୀ ଦୀପ,ଫଳ,ପନିପରିବା ଓ ବିଭିନ୍ନ ପ୍ରକାର ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିବାବେଳେ ଅଭିଭାବକମାନେ ସହଯୋଗ କରିଥିଲେ ।ଚାଇନିଜ ଲାଇଟ ବଦଳରେ ମାଟି ଦୀପର ବ୍ୟବହାର,କେମିଲାଲ ଯୁକ୍ତ ବାଣଫୁଟାଇବା ବନ୍ଦକରିବା,ଏହା ବାୟୁ ପ୍ରଦୂଷଣ ଏବଂ ଶବ୍ଦ ପ୍ରଦୂଷଣ ସୃଷ୍ଟି କରିଥାଏ ।ଯାହା ଶିଶୁ,ବୃଦ୍ଧ ଏବଂ ପଶୁପକ୍ଷୀଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ।ପ୍ରାକୃତିକ ରଙ୍ଗୋଲି ବ୍ୟବହାର କରିବା ।ବାଣନୁହେଁ ଦୀପ ଜଳାଇବା ଏବଂ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାପାଇଁ ସମସ୍ତେ ଶପଥ ନେଇଥିଲେ ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ପାତ୍ର ପରିଚଳନା କରିଥିବା ବେଳେ ଶିକ୍ଷକ କାହ୍ନୁଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଲାଞ୍ଜିଗଡ଼, (ମହାଭାରତ ): ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୨୭ଟି ଜିଲ୍ଲାରେ ୬୩୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଏହି ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୬ଟି ବିଦ୍ୟାଳୟ ସାମିଲ ହୋଇଥିବାବେଳେ ସେଥିମଧ୍ୟରୁ ଲାଞ୍ଜିଗଡ଼ ବ୍ଲକର ୫ଟି ବିଦ୍ୟାଳୟ ସ୍ଥାନ ପାଇଛି ।ଏହି ଅବସରରେ ବ୍ଲକର ବିଜେପୁର, ମାଲିଯୁବାଙ୍ଗ, ବେଡ଼ାଗାଁ, ବାଡେରଲିମା ଓ ଲାଖବାହାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୃଥକ୍ ପୃଥକ୍ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି କେଶରୀ ଦୁର୍ଗା, ନରେନ୍ଦ୍ର ବେହେରା,ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର,ନିରଞ୍ଜନ ବିଭାର, ଲାଞ୍ଜିଗଡ଼ ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେର, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ୍-୨ ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ ଓ ଜିଲ୍ଲା ଆଦିବାସୀ ମୋର୍ଚ୍ଚାର ଏକଜୁଟ ସଦସ୍ୟ ଡମେ ମାଝୀ ପ୍ରମୁଖ ମଞ୍ଚାସିନ ରହିଥିଲେ କ୍ଷ ଉପସ୍ଥିତ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ ।ଲାଞ୍ଜିଗଡ଼ ଏକ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଶିକ୍ଷାର ସୁଯୋଗକୁ ଅଧିକ ସୁଗମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଏଭଳି ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷାଗତ ପରିବେଶ ପାଇବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହୀ ହେବେ ବୋଲି ଆଶା କରାଯାଉଛି । ଏଥିସହ ଅଭିଭାବକମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି ପାଇବା ସହ ଗ୍ରାମାଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି ।କାର୍ଯ୍ୟକ୍ରମରେ ମାଲିଯୁବାଙ୍ଗ କ୍ଲଷ୍ଟର ସଂଯୋଜକ ଘାସି ମାଝୀ, ପେଙ୍ଗୁସର କ୍ଲଷ୍ଟର ସଂଯୋଜକ ସଂଜୀବ ସାହୁ, ବିଜେପୁର କ୍ଲଷ୍ଟର ସଂଯୋଜକ କାହ୍ନୁଚରଣ ବେହେରା, ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଶିକ୍ଷକ ପରମେଶ୍ୱର ନାଏକ, ତାପସଚନ୍ଦ୍ର ନାଏକ, ତୁଲଗୁ ମାହୁଲି, ସୋରଜ ବେରେଟ, ନିରଞ୍ଜନ ମହନ୍ତ, ଯାଜ୍ଞସେନ ହରିଜନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ସୀମା ସୁରେନଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଶ୍ରୀଅନ୍ନ ଅଭିଯାନ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା 'ଶ୍ରୀ ଅନ୍ନ ଅଭିଯାନ' ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ପାଳିତ ହୋଇଯାଇଛି । ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖରେ ରାଜ୍ୟସ୍ତରୀୟ ଶ୍ରୀଅନ୍ନ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ସହିତ ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା ସମ୍ପର୍କିତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ଆଡେକ୍, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀ ନିରୋଦ ଚନ୍ଦ୍ର ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ଦୁଷ୍ମନ୍ତ କୁମାର ମହୋଦୟ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସଂଗ୍ରାମ ପରମଗୁରୁ, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ମଙ୍ଗରାଜ ଓ ଉପ-ଆରକ୍ଷୀ ଅଧୀକ୍ଷକ ଶ୍ରୀ ନିରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଆଡେକ୍ ସ୍ୱାଗତ ଭାଷଣ ପ୍ରଦାନ କରି ମାଣ୍ଡିଆ ଚାଷର ଗୁରୁତ୍ୱ ଏହାର ପୁଷ୍ଟିକର ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ । ମାଣ୍ଡିଆରେ ପ୍ରଚୁର ପରିମାଣର ପ୍ରୋଟିନ୍, ଖାଦ୍ୟ ଆହାର ତନ୍ତୁ ଓ ବିଭିନ୍ନ ପୁଷ୍ଟିକର ଉପାଦାନ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ସେ କହିଥିଲେ । ପାରଳାଖେମୁଣ୍ଡି ବିଧାୟକଙ୍କ ନିଜ ଅଭିଭାଷଣରେ ଗଜପତି ଜିଲ୍ଲାରେ ମାଣ୍ଡିଆ ଚାଷର ବ୍ୟାପକ ପ୍ରସାର ଓ ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହେବା ସହ ଚାଷୀଙ୍କ ପାଇଁ ଏକ ଲାଭଦାୟକ ଫସଲ । ତେଣୁ ଜିଲ୍ଲାର ସମସ୍ତ ବ୍ଲକର ଚାଷୀମାନେ ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଚାଷ କରି ନିଜର ଆୟ ବୃଦ୍ଧି କରିବା ସହ ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଏହି ଅବସରରେ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲାଯାଇ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ଓ ଉପାଦ ପ୍ରଦର୍ଶନ କରାଯାଇଥିଲା ।

# ଲକ୍ଷ୍ମୀପୁରରେ ଅଙ୍ଗନୱାଡ଼ି ଅବ୍ୟବସ୍ଥା

## 'କେଉଁଠି ହେଲ୍ପର ଚଳାଉଛନ୍ତି କେନ୍ଦ୍ର, କେଉଁଠି ତାଲା'



ଲକ୍ଷ୍ମୀପୁର,(ମହାଭାରତ): ଶିଶୁଙ୍କ ପୋଷଣ ଓ ପ୍ରାକ୍-ଶିକ୍ଷାର ମୁଖ୍ୟ ଆଧାର ଅଙ୍ଗନୱାଡ଼ି କେନ୍ଦ୍ର। ମାତ୍ର ଲକ୍ଷ୍ମୀପୁର ବ୍ଲକର କେତେକ କେନ୍ଦ୍ରରେ ଏହି ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ଉଠିଛି। କେଉଁଠି ଅଙ୍ଗନୱାଡ଼ି ହେଲ୍ପରଙ୍କ ଭରସାରେ କେନ୍ଦ୍ର ଚାଲୁଥିବା ବେଳେ ଆଉ କେଉଁଠି କେନ୍ଦ୍ରରେ ଝୁଲୁଛି ତାଲା। ଏଭଳି ସ୍ଥିତିକୁ ନେଇ ବିଭାଗୀୟ ତଦାରଖ ଓ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି ।ସୂଚନା ଅନୁଯାୟୀ, କାକିରିଗୁମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଲିଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ହେଲ୍ପରଙ୍କ ଦ୍ୱାରା କେନ୍ଦ୍ର ପରିଚାଳନା ହେଉଥିବା ଦେଖାଯାଇଥିବା ବେଳେ ଭିତରଗଡ଼ ଗ୍ରାମ ପଞ୍ଚାୟତର ଗୌଡ଼ କଙ୍କଡ଼ାପୁଟ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ପୂର୍ଣ୍ଣ ବନ୍ଦ ଥିବା ନଜରକୁ ଆସିଛି। ଏହି ଦୁଇଟି ଘଟଣା ଅଙ୍ଗନୱାଡ଼ି କେନ୍ଦ୍ରର ନିୟମିତ ପରିଚାଳନାକୁ ନେଇ ସନ୍ଦେହ ସୃଷ୍ଟି କରିଛି ।ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କୁ ପୋଷଣ ଖାଦ୍ୟ, ପ୍ରାକ୍-ଶିକ୍ଷା ଓ ଗର୍ଭବତୀ ତଥା ପ୍ରସୂତି ମହିଳାଙ୍କୁ ବିଭିନ୍ନ ସରକାରୀ ସୁବିଧା ଯୋଗାଇବାର ଦାୟିତ୍ୱ ରହିଛି। ଏପରି ଗୁରୁତ୍ୱପୂର୍ଣ୍ଣ ସେବା କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେବା ହିତାଧିକାରୀଙ୍କ ସେବାକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି କରୁଛି ।ଏ ସମ୍ପର୍କରେ ଉଭୟ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳତା ମିଳିନଥିଲା। ସେହିପରି ସମ୍ପୃକ୍ତ ସୁପରଭାଇଜର ଓ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହେଇ ପାରିନାହିଁ। ଫଳରେ ଏହି ଅବ୍ୟବସ୍ଥାର ପ୍ରକୃତ କାରଣ ଏବେ ଅସ୍ପଷ୍ଟ ରହିଛି। ଅଙ୍ଗନୱାଡ଼ି କେନ୍ଦ୍ରର ସୁଚାରୁ ପରିଚାଳନା ପାଇଁ କର୍ମୀ ଓ ସୁପରଭାଇଜରଙ୍କ ନିଯୁକ୍ତି ସହ ନିୟମିତ ତଦାରଖ ବ୍ୟବସ୍ଥା ରହିଛି। ତଥାପି ଏଭଳି ଅବ୍ୟବସ୍ଥା କିପରି ଦେଖାଦେଉଛି, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦ୍ରଗୁଡ଼ିକର ନିୟମିତ ଯାଞ୍ଚ ହେଉଛି କି ନାହିଁ ଏବଂ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହି ସ୍ଥିତି ସମ୍ପର୍କରେ ଅବଗତ ଅଛନ୍ତି କି, ତାହା ଏବେ ଚର୍ଚ୍ଚାର ବିଷୟ ।ତେଣୁ ଲକ୍ଷ୍ମୀପୁର ବ୍ଲକର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ବାସ୍ତବ ସ୍ଥିତି ଯାଞ୍ଚ କରିବା ସହ ମାଲିଗୁଡ଼ା ଓ ଗୌଡ଼ କଙ୍କଡ଼ାପୁଟ କେନ୍ଦ୍ରର ଘଟଣାକୁ ଗୁରୁତ୍ୱର ସହ ନେବାକୁ ଦାବି ଉଠୁଛି। ଅବହେଳା ପ୍ରମାଣିତ ହେଲେ ସମ୍ପୃକ୍ତଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନେବା ସହ ଅଙ୍ଗନୱାଡ଼ି ସେବାକୁ ସୁଚାରୁ କରିବା ଦିଗରେ ବିଭାଗୀୟ ଅଧିକାରୀଙ୍କ ତ୍ୱରିତ ହସ୍ତକ୍ଷେପ ଆବଶ୍ୟକ ।ତେବେ ଏବେ ବିଭାଗୀୟ ଅଧିକାରୀ କେତେ ତତ୍ପର ହେଉଛନ୍ତି ତାହା ଦେଖିବାକୁ ଅଞ୍ଚଳ ବାସି ଅପେକ୍ଷାରେ।

## ବାତ୍ୟା ପରେ ବନ୍ୟା ବିପତ୍ତି, ସବୁ ଉଜାଡ଼ିଦେଲା ପ୍ରକୃତି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ଦାବି



ହିଞ୍ଜିଳିକାଟୁ(ମହାଭାରତ): ବାତ୍ୟା ଆସିଲା, ତା' ପରେ ବନ୍ୟା ଆସିଲା। ଆଉ ବନ୍ୟାର କରାଳ ରୂପରେ ଧୋଇଗଲା ବର୍ଷ ବର୍ଷର ଝାଳବୁହା ପରିଶ୍ରମରେ ଗଢ଼ିଥିବା ସମ୍ପତ୍ତି। ଆଖି ଆଗରେ ଉଜୁଡ଼ିଗଲା ବ୍ୟବସାୟ, ନଷ୍ଟ ହୋଇଗଲା ଜୀବନର ସଞ୍ଚିତ ପୁଞ୍ଜି। ହେଲେ ଏତେ ବଡ଼ ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା କେବେ ମିଳିବ, ତାହା ଏବେ ବଡ଼ ପ୍ରଶ୍ନ। ପ୍ରକୃତିର ଦାଉ ପରେ ପ୍ରଶାସନିକ ସହାୟତା ଅପେକ୍ଷାରେ ଦିନ କାଟୁଛନ୍ତି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ନୂଆ ବୁରୁପଡ଼ା ଗ୍ରାମର ରମେଶ ଚନ୍ଦ୍ର ପାତ୍ରଙ୍କ ପରିବାର ।ସୂଚନା ଅନୁଯାୟୀ, ଗ୍ରାମରେ ଥିବା ମା' ସମଲାଇ ରାଇସ୍ ମିଲ୍ ଏବଂ ଏହା ସଂଲଗ୍ନ ଜଗନ୍ନାଥ ଟ୍ରେଡ଼ର୍ସ ସିମେଣ୍ଟ ଓ ରଡ୍ ଦୋକାନରେ ବନ୍ୟା ଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟାର ପ୍ରବଳ ସ୍ରୋତରେ ଦୋକାନ ଘରର କିଛି ଅଂଶ ଭାଙ୍ଗିଯାଇଥିବା ବେଳେ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଛି। ପ୍ରାୟ ୩୦୦ ବସ୍ତାରୁ ଊର୍ଦ୍ଧ୍ୱ ସିମେଣ୍ଟ ଓ ପ୍ରାୟ ୧୮୦୦ କିଲୋଗ୍ରାମ ଲୁହା ରଡ୍ ବନ୍ୟା ପାଣିରେ କ୍ଷତିଗ୍ରସ୍ତ ହୋଇଛି ।ସେହିପରି ରାଇସ୍ ମିଲ୍‌ରେ ଗଚ୍ଛିତ ଥିବା ଧାନ ଓ ଚାଉଳ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ମିଲ୍‌ର କୋଠାବାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବା ରମେଶ ଚନ୍ଦ୍ର ପାତ୍ରଙ୍କ ପରିବାର ପାଇଁ ଏକ ବଡ଼ ଆହ୍ୱାନ ହୋଇଛି ।ରମେଶ ଚନ୍ଦ୍ର ପାତ୍ରଙ୍କ ଦାବି ଅନୁଯାୟୀ, ମିଲ୍, ଦୋକାନ, ଧାନ, ଚାଉଳ, ସିମେଣ୍ଟ, ରଡ୍ ଓ କୋଠାବାଡ଼ି ସମେତ ସମସ୍ତ ସମ୍ପତ୍ତିରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି। ବର୍ଷ ବର୍ଷ ଧରି ଦିନରାତି ପରିଶ୍ରମ କରି ଯାହା ରୋଜଗାର ଓ ସଞ୍ଚୟ କରିଥିଲେ, ତାହା ଗୋଟିଏ ବନ୍ୟାରେ ନଷ୍ଟ ହୋଇଯାଇଛି। ବ୍ୟବସାୟ ଉପରେ ନିର୍ଭରଶୀଳ ପରିବାର ଏବେ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି ।ଏଠାରେ ପ୍ରଶ୍ନ ଉଠୁଛି, ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତଙ୍କ ପାଖରେ ପ୍ରଶାସନ କେତେ ଶୀଘ୍ର ପହଞ୍ଚୁଛି। ବ୍ୟବସାୟୀଙ୍କ ଏତେ ବଡ଼ କ୍ଷତିର ଆକଳନ କେବେ ହେବ। କେବଳ ଘରୋଇ କ୍ଷତି ନୁହେଁ, ଦୋକାନ, ମିଲ୍ ଓ ଜୀବିକା ହରାଇଥିବା ଲୋକଙ୍କ ପାଇଁ କି ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ରହିଛି। ବନ୍ୟା ପୂର୍ବରୁ ପ୍ରସ୍ତୁତି ଓ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନରେ ପ୍ରଶାସନର ଭୂମିକାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।କ୍ଷତିଗ୍ରସ୍ତ ପରିବାରର ଦାବି, ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ସଠିକ୍ ଆକଳନ କରୁ ଏବଂ ସରକାରୀ ନିୟମ ଅନୁଯାୟୀ ଯଥାସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। ନଚେତ୍ ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ଏହି ବ୍ୟବସାୟକୁ ପୁଣି ଥରେ ଠିଆ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ।ପ୍ରକୃତିର ବିପର୍ଯ୍ୟୟକୁ ମଣିଷ ରୋକି ପାରିବ ନାହିଁ, କିନ୍ତୁ ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ପୁନର୍ବାସ ଯୋଗାଇବା ସରକାର ଓ ପ୍ରଶାସନର ଦାୟିତ୍ୱ। ଏବେ ଦେଖିବାକୁ ବାକି ରହିଲା, ପାତ୍ର ପରିବାରର ଏହି ଆର୍ତ୍ତନାଦ ପ୍ରଶାସନ ଓ ସରକାରଙ୍କ କାନରେ କେବେ ପହଞ୍ଚୁଛି, ଏବଂ କ୍ଷତିଗ୍ରସ୍ତ ପରିବାରକୁ କେବେ ମିଳୁଛି ନ୍ୟାୟସଙ୍ଗତ ସହାୟତା।

## ଅଭିଜ୍ଞତାର ସମାହାର, ବରିଷ୍ଠଙ୍କ ହିତରକ୍ଷା ପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଉଦ୍ୟମ



ବାରଙ୍ଗ (ମହାଭାରତ): ବରିଷ୍ଠ ନାଗରିକମାନେ ସମାଜର ଅଭିଜ୍ଞ ଓ ମାର୍ଗଦର୍ଶକ। ସେମାନଙ୍କ ଅଭିଜ୍ଞତାକୁ ସମ୍ମାନ ଦେବା ସହ ସେମାନଙ୍କ ଅଧିକାର, ସୁରକ୍ଷା ଓ ସାମାଜିକ ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ କଟକ ସଦର ଥାନା ଅନ୍ତର୍ଗତ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ସଭା କୁରାଙ୍ଗ ଶାସନସ୍ଥିତ ହୋଟେଲ ଆମ୍ରପଲ୍ଲୀ ରିସୋର୍ଟର ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଡ. ଶରତକୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ନାଗରିକ ମହାସଭା, କଟକ ଜିଲ୍ଲା ସଭାପତି ବିଷ୍ଣୁମୋହନ ଦାସ ସାମନ୍ତ ମୁଖ୍ୟ ଅତିଥି ଏବଂ ମଞ୍ଚର ଉପଦେଷ୍ଟା ଇଂ. ସୁଶାନ୍ତକୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଉପଲବ୍ଧ ବିଭିନ୍ନ ସୁବିଧା, ସେବା ଓ ଅଧିକାର ସମ୍ପର୍କରେ ଉଭୟ ଅତିଥି ଆଲୋକପାତ କରିବା ସହ ବୟସର ଅପରାହ୍ନରେ ସେମାନେ ସମ୍ମୁଖୀନ ହେଉଥିବା ସାମାଜିକ, ଆର୍ଥିକ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ସମୂହ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସଭାପତି ତଥା ଆଇନଜୀବୀ କବିନାରାୟଣ ଜେନା, ଉପଦେଷ୍ଟା ପୀତବାସ ମହାପାତ୍ର, ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ଉପଦେଷ୍ଟା ସ୍ୱାଧୀନଚେତା ମହାନ୍ତି, କାର୍ଯ୍ୟକାରୀ ସଭାପତି କେଦାରନାଥ ଜେନା ଓ ଶିକ୍ଷାବିତ୍ କୈଳାସଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ରଞ୍ଜନ କୁମାର ଲେଙ୍କା, ପ୍ରମୋଦ କୁମାର ସାଇଁ, ପ୍ରଦ୍ୟୁମ୍ନ କୁମାର ପତି, ଚତୁର୍ଭୁଜ ମହାପାତ୍ର, ବିଶ୍ୱନାଥ ବେଉରା, ଅଶ୍ୱିନୀ ମହାପାତ୍ର, ଅଜୟ ପତି, ବୈଦ୍ୟନାଥ ମିଶ୍ର, ଭରତଚନ୍ଦ୍ର ସାହୁ, ଦୀନବନ୍ଧୁ ପଣ୍ଡା, ମୁରଲୀଧର ବେହେରା, ମନୋରଞ୍ଜନ ଦାଶ, କୈଳାସଚନ୍ଦ୍ର ପାତ୍ର, ଶରତଚନ୍ଦ୍ର ବିଶ୍ୱାଳ, ଜୟଦେବ ସାହୁ, ରାମଚନ୍ଦ୍ର ଜେନା, ରଞ୍ଜିତ ମହାନ୍ତି, ବୈଦ୍ୟନାଥ ଜେନା, ଅକ୍ଷୟ ସାଇଁ, ପ୍ରମୋଦ ମହାନ୍ତି, ହେମନ୍ତ ପ୍ରଧାନ, ଲକ୍ଷ୍ମୀଧର ବେଉରା, ବାଉରୀବନ୍ଧୁ ସାହୁ, ବାବାଜି ମୁଦୁଲୀ, ସୁରେନ୍ଦ୍ର ଖୁଣ୍ଟିଆ, ମନମୋହନ କର ଓ ସୁନତ ଭୋଇଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଅନୁପ ଶାସମଲ, ବିନାୟକ ବେହେରା, ଶରତଚନ୍ଦ୍ର ପଳତା, ମୃତ୍ୟୁଞ୍ଜୟ ମହାନ୍ତି, ଆନନ୍ଦଚନ୍ଦ୍ର ବେହେରା ଓ ବାଦଲ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ୟାଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ପାଇଁ ବ୍ୟାପକ ସଚେତନତା ଜରୁରୀ

ଦଶପଲ୍ଲା, (ମହାଭାରତ): ସ୍ଥାନୀୟ ଦଶପଲ୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ କନ୍ୟାଶିଶୁଙ୍କ ସଂଖ୍ୟା ହ୍ରାସ ସମସ୍ୟା ଏବଂ ଏହାର ସ୍ଥାୟୀ ନିରାକରଣ ସମ୍ପର୍କିତ ଏକ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ୟାଶିଶୁଙ୍କ ପ୍ରତି ସମାଜର ମାନସିକତାରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ଏବଂ ତମ୍ପନା କଲେଜର ଅଧ୍ୟାପିକା ସ୍ୱୀକୃତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ କନ୍ୟାଶିଶୁଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବା ପଛର ମୁଖ୍ୟ କାରଣ ଏବଂ ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କନ୍ୟାଭ୍ରୂଣ ହତ୍ୟା ଭଳି କୁପ୍ରଥାକୁ ରୋକିବା ସହ ଶିଶୁକନ୍ୟାଙ୍କ ସୁରକ୍ଷା, ଗୁଣାତ୍ମକ ଶିକ୍ଷା ଓ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ତୃଣମୂଳ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ଶିକ୍ଷା ହିଁ ବିକାଶର ମୂଳ ଉତ୍ସ-ମନ୍ତ୍ରୀ ସୂର୍ଯ୍ୟବଂଶୀ

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ଶିଳାନ୍ୟାସ



ଧାମନଗର,(ମହାଭାରତ) ଧାମନଗର ବ୍ଲକର ସହିଦ ନଗର ଉଚ୍ଚ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ଶିଳାନ୍ୟାସ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରକୃତ ଶିକ୍ଷା ହିଁ ବିକାଶର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ ।ମନ୍ତ୍ରୀ ଶ୍ରୀ ସୂରଜ କହିଲେ ଯେ କେବଳ ମୁଁ ନୁହଁ ପୂର୍ବର ସମସ୍ତ ବିଧାୟକ ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଧାମନଗର ମାଟିରେ ଶିକ୍ଷା ଭିତ୍ତିଭୂମି ନିର୍ମାଣ କରିବା ଦିଗରେ କାର୍ଯ୍ୟ କରିଥିବାରୁ ଅଧିକ ସ୍କୁଲ କଲେଜ ନିର୍ମାଣ ହୋଇଛି ଏବଂ ଛାତ୍ରଛାତ୍ରୀମାନେ ସହଜ ଓ ସୁବିଧାରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଦ୍ୱାରା ଶିକ୍ଷା ବ୍ୟବସ୍ଥା ଅଧିକ ସାର୍ବଜନୀନ ହୋଇପାରିବ ।ଧାମନଗରରେ ଇତିମଧ୍ୟରେ ୯ ଗୋଟି ଶିକ୍ଷାନୁଷ୍ଠାନ ଏହି ଯୋଜନାରେ ସାମିଲ ହେବା ରାଜ୍ୟ ସରକାରଙ୍କ ଶିକ୍ଷା ପ୍ରତି ଥିବା ଅଙ୍ଗୀକରବଦ୍ଧତାକୁ ପ୍ରମାଣିତ କରୁଛି ।ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବକ୍ତବ୍ୟରେ ସରକାରଙ୍କ ଏହି ଯୋଜନା ଯୁଗାନ୍ତକାରୀ ଏବଂ ଏହା ଦ୍ୱାରା ପ୍ରାଥମିକସ୍ତରରୁ ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ସମସ୍ତ ଭିତ୍ତିଭୂମିର ସୁଯୋଗ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ ।ଧାମନଗର ପ୍ରେସ କ୍ଲବର ପୂର୍ବତନ ସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବ ସଭାରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଆଭିମୁଖ୍ୟ ଏବଂ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ ।ସହିଦ ନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟର ୬୩୦ ବିଦ୍ୟାଳୟ ସମେତ ଧାମନଗର ବ୍ଲକର ସହିଦ ନଗର ନୋଡ଼ାଲ ହାଇସ୍କୁଲ,ଅସୁରାଳି ଦେଶବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ହସନାବାଦ ଗୋପବନ୍ଧୁ ନଗର ହାଇସ୍କୁଲ,କୋରୁଆ-ଗୋବିନ୍ଦପୁର ହାଇସ୍କୁଲ,ଅର୍ଜୁନପୁର ଜୟ କିଷାନ ହାଇସ୍କୁଲ ଏବଂ ଦେହୁଡ଼ି ଆନନ୍ଦପୁର ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହିଦ ନଗର ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଆଶୁତୋଷ କର ଏବଂ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ କଥା ହୋଇଥିଲେ ।ଏହି ଉତ୍ସବରେ ଧାମନଗର ବିଡିଓ ବନ ବିହାରୀ ଦିନ୍ଦା,ତହସିଲଦାର ଜ୍ଞାନ ରଂଜନ ସାହୁ,ବିଇଏଓ ପ୍ରଫୁଲ୍ଲ କୁମାର ସାହୁ,ବରିଷ୍ଠ ନେତା ଅଶୋକ ପୁହାଣ,ରଘୁନାଥ ପାତ୍ର,ଚତୁର୍ଭୂଜ ନାୟକ,ରଘୁନାଥ ଲେଙ୍କା,ହରେକୃଷ୍ଣ ପାଢ଼ୀ,ଦେବେନ୍ଦ୍ର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ ।

### ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

## କେନ୍ଦ୍ରକୁ ଜବାବ ମାଗିଲେ



**ନୂଆଦିଲ୍ଲୀ,୬।୧୧:** ଆଜି ସୁପ୍ରିମକୋର୍ଟ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉପରେ ଏକ ବଡ ଶୁଣାଣି କରିଛନ୍ତି। ଆମିକସ୍ କ୍ୟୁରି ରାଜଧାନୀର ବାୟୁ କ୍ରମଶଃ ବିଷାକ୍ତ ହେବା ଉପରେ ଚିନ୍ତା ପ୍ରକାଶ କରିଥିଲେ। ଆମିକସ୍ କ୍ୟୁରି ଏକ ନୋଟିସ୍ ଜାରି କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଦିଲ୍ଲୀରେ ବାୟୁ ପ୍ରଦୂଷଣର ସମାଧାନ ପାଇଁ ସେମାନେ କ'ଣ କରୁଛନ୍ତି। ଦିଲ୍ଲୀ ଏବଂ ସଂଲଗ୍ନ ନୋଏଡାର ବାୟୁ ଏତେ ପ୍ରଦୂଷିତ ହୋଇଯାଇଛି ଯେ ଏହା ବାୟୁକୁ ବିଷାକ୍ତ କରୁଛି। ଦିଲ୍ଲୀର ବାସିନ୍ଦା ଏବଂ ପରିଦର୍ଶକ ପ୍ରତିଦିନ ୩୦ ସିଗାରେଟ୍ ପିଇବା ସହିତ ସମାନ ବାୟୁ ନିଶ୍ୱାସ ନେଉଛନ୍ତି। ବାୟୁ ପ୍ରଦୂଷଣ କେବଳ ନଡ଼ା ଜାଳିବା ଦ୍ୱାରା ନୁହେଁ, ବରଂ ସାଧାରଣ ପରିବହନ ଏବଂ ଯାନବାହାନରୁ ବାହାରୁଥିବା ଧୂଆଁ ଦ୍ୱାରା ମଧ୍ୟ ହୁଏ। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାମଲାର ଶୁଣାଣି ସମୟରେ, ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ପଚାରିଥିଲେ, "ଦିଲ୍ଲୀରେ ଶୀତ ଆରମ୍ଭ ହୋଇଗଲାଣି, ଏବଂ ସମସ୍ତେ ହାଲୁକା ଶୀତ ଅନୁଭବ କରୁଛନ୍ତି, କିନ୍ତୁ ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଆମେ କ'ଣ କରୁଛୁ ?" ଆମିକସ୍ କ୍ୟୁରି କହିଥିଲେ ଯେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ଗମ୍ଭୀର ବର୍ଗରେ ରହିଛି, ଏବଂ ଏଜଇଚ-୨ ପ୍ରତିବନ୍ଧକ ଲାଗୁ କରାଯାଇଛି। କିନ୍ତୁ କେବଳ ନଡ଼ା ଜାଳିବା ପ୍ରଦୂଷଣ ପାଇଁ ଦାୟୀ କରାଯାଇପାରିବ ନାହିଁ ଏବଂ କେବଳ ଏହି ପ୍ରସଙ୍ଗରେ ଧ୍ୟାନ ଦେବା ମଧ୍ୟ ଠିକ୍ ନୁହେଁ। ଦିଲ୍ଲୀ ପୂର୍ବରୁ ପ୍ରଦୂଷିତ ଏବଂ ପଞ୍ଜାବ ଏବଂ ହରିୟାଣାରେ ନଡ଼ା ଜାଳିବା ପରିସ୍ଥିତିକୁ ଆହୁରି ଖରାପ କରୁଛି।

ଆମିକସ୍ କ୍ୟୁରି କହିଛନ୍ତି ଯେ ଦିଲ୍ଲୀ-ଏନସିଆରରେ ସାଧାରଣ ପରିବହନ ଏବଂ ଯାନବାହନ ମଧ୍ୟ ବାୟୁ ପ୍ରଦୂଷଣର ସବୁଠାରୁ ବଡ଼ କାରଣ। ଦିଲ୍ଲୀର ରାସ୍ତାଗୁଡ଼ିକ ସବୁଠାରୁ ଅଧିକ ଯାନବାହାନ ଯାତାୟାତ କରେ କାରଣ ଲୋକମାନେ ସାରା ଦେଶରୁ ଦିଲ୍ଲୀକୁ ଆସନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜସ୍ୱ ଯାନ ଚଳାନ୍ତି। ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ କିମ୍ବା ଅନ୍ୟ ରାଜ୍ୟରୁ ଦୁଇ ଘଣ୍ଟା ପାଇଁ ଆସୁଥିବା ଏକ ଯାନ ମଧ୍ୟ ବାୟୁ ପ୍ରଦୂଷଣରେ ସହାୟକ ହୁଏ। ଚାଷୀଙ୍କ ପାଖରେ କୃଷି ଯନ୍ତ୍ରପାତି ଏବଂ ଉପକରଣ ଅଛି, କିନ୍ତୁ ସେମାନେ ଇନ୍ଧନ କିଣି ପାରିବେ ନାହିଁ ଏବଂ ଏହା ଛୋଟ ଚାଷୀଙ୍କ ପାଇଁ କଷ୍ଟକର। ଏହାର ଅର୍ଥ ହେଉଛି ବାୟୁ ପ୍ରଦୂଷଣ ଲୋକ ଏବଂ ଚାଷୀ ଉଭୟଙ୍କର ବିପୁଳ କ୍ଷତି କରୁଛି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଦୀପାବଳି ପାଳନ ସହିତ ପ୍ରଦୂଷଣ ବିଷୟରେ ସଚେତନତା ହେବା ଉଚିତ, ଏବଂ କେବଳ ଏହାକୁ ନିଷିଦ୍ଧ କରିବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ; ଏହା ବଦଳରେ ଅଧିକ ଉଲ୍ଲଂଘନ ହେବ। ପର୍ବପର୍ବାଣୀ ସମୟରେ ପୁରୁଣା ପ୍ରଥା ଏବଂ ଅଭ୍ୟାସ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଆମେ ଆମର ପୁରୁଣା ପରମ୍ପରାକୁ କାହିଁକି ଫେରିବା ନାହିଁ ? ପର୍ବ ପାଳନ କରିବା ସହିତ ପରିବେଶ ପ୍ରତି ଦାୟିତ୍ୱବୋଧ ମଧ୍ୟ ହେବା ଉଚିତ। ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ମତରେ, ପର୍ବପର୍ବାଣୀର ବାଣିଜ୍ୟକରଣର ମଧ୍ୟ ପ୍ରସଙ୍ଗ ରହିଛି। ପର୍ବପର୍ବାଣୀ ସମୟରେ ରାସ୍ତାରେ ଲୋକଙ୍କ ଗତିବିଧି ପ୍ରଦୂଷଣ ସ୍ତରକୁ ବୃଦ୍ଧି କରିଛି।

ଖଣ୍ଡପୀଠ କହିଛନ୍ତି ଯେ କେବଳ ପ୍ରତିବନ୍ଧକ ଲଗାଇବା କିମ୍ବା ନିର୍ଦ୍ଦେଶ ଦେବା ଦ୍ୱାରା ବାୟୁ ପ୍ରଦୂଷଣର ପ୍ରଭାବଶାଳୀ ସମାଧାନ ହୋଇପାରିବ ନାହିଁ। ଯେତେ ଅଧିକ ନିର୍ଦ୍ଦେଶ ଦିଆଯିବ, ସେତେ ଅଧିକ ଉଲ୍ଲଂଘନ ବୃଦ୍ଧି ପାଇବ। ବରଂ, ଲୋକଙ୍କ ଆଚରଣ ଏବଂ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଏବଂ ବାୟୁ ପ୍ରଦୂଷଣ ବିଷୟରେ ସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଅଛି। ସିଜେଆଇ ବାୟୁ ପ୍ରଦୂଷଣ ପାଇଁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗକୁ ଦାୟୀ କରିବା ବିରୁଦ୍ଧରେ ମଧ୍ୟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଦୀପାବଳି ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ନିଜ ଜୀବିକା ପାଇଁ ଋତୁକାଳୀନ କାମ ଏବଂ ପର୍ବପର୍ବାଣୀ ଉପରେ ନିର୍ଭର କରନ୍ତି। ଗରିବ ଲୋକମାନେ ପ୍ରଦୂଷଣ ସୃଷ୍ଟି କରନ୍ତି ନାହିଁ; ସେମାନେ ହିଁ କଷ୍ଟ ପାଆନ୍ତି।

### ହୃଦୟ ବିଦାରକ ହତ୍ୟାକାଣ୍ଡ

## ପତ୍ନୀ, ପୁଅ, ଶାଶୂ-ଶ୍ୱଶୁରଙ୍କ ସମେତ ୭ ଜଣଙ୍କୁ ହତ୍ୟା





**ବେଙ୍ଗାଲୁରୁ,୬।୧୧:** ବେଙ୍ଗାଲୁରୁରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଗୋଟିଏ ପରିବାରର ସାତ ଜଣ ସଦସ୍ୟଙ୍କୁ ହତ୍ୟା କରାଯାଇଛି; ଏଥିରେ ୭ବର୍ଷର ଜଣେ ବାଳକ ମଧ୍ୟ ଅନ୍ତର୍ଭୁକ୍ତ। ଇନ୍ଦୁଶେଖର ନାମକ ଜଣେ କ୍ୟାବ ଚାଳକ (ଅଭିଯୁକ୍ତ) ଦାବି କରିଛି ଯେ, ପାରିବାରିକ ବିବାଦ କାରଣରୁ ସେ ନିଜ ପତ୍ନୀଙ୍କ ସମେତ ମୋଟ ସାତ ଜଣଙ୍କୁ ହତ୍ୟା କରିଛି। ପୋଲିସ ସାତ ବର୍ଷର ବାଳକ ପୁନୀତର ମୃତଦେହ ଉଦ୍ଧାର କରିଛି, କିନ୍ତୁ ଅନ୍ୟ ମୃତଦେହଗୁଡ଼ିକର ସନ୍ଧାନ ଜାରି ରହିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏକ ପାରିବାରିକ ବିବାଦ କାରଣରୁ ଅଭିଯୁକ୍ତ ଏହି ହତ୍ୟାକାଣ୍ଡ ଘଟାଇଛି। ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଇନ୍ଦୁଶେଖର, ତା'ର ପତ୍ନୀ ସୁନିତା ନିଜ ବାପଘର ଲୋକଙ୍କ ସହ ବାରମ୍ବାର ଯୋଗାଯୋଗ ରଖୁଥିବାରୁ ଅସନ୍ତୁଷ୍ଟ ଥିଲା; ପୋଲିସର ସନ୍ଦେହ ଯେ ଏହି ଘଟଣା ହିଁ ହତ୍ୟାକାଣ୍ଡ ପଛର ମୁଖ୍ୟ କାରଣ ହୋଇପାରେ। ସୂତ୍ରରୁ ପ୍ରକାଶ ଯେ, ଶେଖର ନିଜ ପତ୍ନୀ ସୁନିତାଙ୍କ ସହ ପ୍ରାୟତଃ ଝଗଡ଼ା କରୁଥିଲା। ଉଭୟଙ୍କ ବିବାହକୁ ପ୍ରାୟ ୨୦ ବର୍ଷ ହୋଇଥିଲା ଏବଂ ସୁନିତା ନିଜ ବାପଘରକୁ ଯିବାକୁ ନେଇ ପ୍ରାୟତଃ ବିବାଦ ସୃଷ୍ଟି ହେଉଥିଲା। ପରିବାରର ଅନ୍ୟ ସଦସ୍ୟମାନେ ଉଭୟଙ୍କ ମଧ୍ୟରେ ବୁଝାମଣା କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ, ସେମାନଙ୍କ ମଧ୍ୟରେ ଥିବା ମତଭେଦ ଦୂର ହୋଇନଥିଲା। ଖବର ଅନୁଯାୟୀ, ସୁନିତାଙ୍କୁ ତାଙ୍କ ମା' ଏବଂ ଭାଇମାନଙ୍କ ପକ୍ଷରୁ ମିଳୁଥିବା ସମର୍ଥନକୁ ନେଇ ଶେଖର ଅସନ୍ତୁଷ୍ଟ ଥିଲା, ଯେଉଁ କାରଣରୁ ସେ ସୁନିତାଙ୍କ ପୂରା ପରିବାରକୁ ଶେଷ କରିଦେବାକୁ ନିଷ୍ପତ୍ତି ନେଇଥିଲା। ସୂତ୍ର ଅନୁସାରେ, ଏହି ହତ୍ୟାକାଣ୍ଡ ରାଜାଜିନଗର ଥାନା ଅଞ୍ଚଳ ଅନ୍ତର୍ଗତ ୫୯ତମ କ୍ରସ ନିକଟସ୍ଥ ବାସରୁମ ସର୍କଲ ନିକଟ ଏକ ଆବାସିକ ଅଞ୍ଚଳରେ ଘଟିଛି। ପୀଡ଼ିତମାନଙ୍କ ପରିଚୟ ମିଳିଛି; ସେମାନେ ହେଲେ ଇନ୍ଦୁଶେଖରଙ୍କ ପତ୍ନୀ ସୁନିତା, ଶାଶୁ ରୂପବତୀ, ଶଳା ଶିବକୁମାର ଓ ଶଙ୍କର, ଶଳାବୋହୂ ଦିବ୍ୟା ଓ ନଳିନୀ ଏବଂ ଶଙ୍କରଙ୍କ ସାତ ବର୍ଷର ପୁଅ। ପ୍ରାଥମିକ ତଦନ୍ତ ଅନୁଯାୟୀ, ଅଭିଯୁକ୍ତ ଜଣକ ଏହି ହତ୍ୟାକାଣ୍ଡର ଯୋଜନା କରିଥିଲା ଏବଂ ପ୍ରଥମେ ନିଜ ପତ୍ନୀଙ୍କୁ ହତ୍ୟା କରିଥିଲା। ଏହା ପରେ, ସେ ଏକ ପାର୍ଟି ଦେବା ବାହାନାରେ ନିଜର ଦୁଇ ଶଳାଙ୍କୁ ଘରକୁ ଡାକି ହତ୍ୟା କରିଥିଲା। ଏହା ପରେ ସେ ସେମାନଙ୍କ ପତ୍ନୀମାନଙ୍କୁ, ନିଜ ଶାଶୁଙ୍କୁ ଏବଂ ଶଙ୍କରଙ୍କ ଛୋଟ ପୁଅକୁ ମଧ୍ୟ ହତ୍ୟା କରିଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶେଖର ପ୍ରଥମେ ଏକ ପଥର (ପେଷା ପଥର) ବ୍ୟବହାର କରି ସୁନିତାଙ୍କୁ ହତ୍ୟା କଲା। ଏହା ପରେ ସେ ମୃତଦେହକୁ ଏକ କପଡ଼ାରେ ଗୁଡ଼ାଇ ନନ୍ଦି ହିଲ୍ସ ନିକଟରେ ଫିଙ୍ଗି ଦେଲା। ସନ୍ଦେହ ଏଡ଼ାଇବା ପାଇଁ ସେ ସୁନିତାଙ୍କ ମୋବାଇଲ ଫୋନ ବନ୍ଦ କରିଦେଲା ଏବଂ ପଡ଼ୋଶୀମାନଙ୍କୁ କହିଲା ଯେ ସୁନିତା କୌଣସି ଯାତ୍ରାରେ ବାହାରକୁ ଯାଇଛନ୍ତି।

## ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପରିବାରକୁ ଭେଟିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୬।୧୧:** ଭାରତୀୟ ଟି-୨୦ ଦଳର ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜ ପରିବାର ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ସମୟରେ ସୂର୍ଯ୍ୟକୁମାରଙ୍କ ପତ୍ନୀ ଦେବିଷା ଏବଂ ଝିଅ ରିଦ୍ଧିମା ମଧ୍ୟ ଉପସ୍ଥିତ ଥିଲେ। ଏହି ସାକ୍ଷାତର ଏକ ଭିଡିଓ ଶେୟାର କରି ପ୍ରଧାନମନ୍ତ୍ରୀ କ୍ୟାପସନରେ ଲେଖିଛନ୍ତି: 'ଦୀପାବଳିର ଉତ୍ସବମୁଖର ପରିବେଶ ମଧ୍ୟରେ 'ରାମ' ଓ 'ସରଯୂ' ଆସି ପହଞ୍ଚିଛନ୍ତି। ଏହା ଦୀପାବଳିର ପରିବେଶକୁ ଆହୁରି ପବିତ୍ର ଓ ଦିବ୍ୟ କରିଦେଇଛି।'

ଏହି ସାକ୍ଷାତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଜଣେ ବାଳିକାଙ୍କ ଦ୍ୱାରା ଗାନ କରାଯାଇଥିବା ଏକ ଭଜନ ଶୁଣିଥିଲେ ଏବଂ ଏଥିରେ ବେଶ ପ୍ରସନ୍ନ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଭାରତୀୟ ଦଳର ଅଂଶ ନୁହଁନ୍ତି। ଟିମ ଇଣ୍ଡିଆ ପାଇଁ ତାଙ୍କର ଶେଷ ମ୍ୟାଚ ୨୦୨୬ ଟି-୨୦ ବିଶ୍ୱକପ ସମୟରେ ଥିଲା। ତାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା।

## କେରଳ କଂଗ୍ରେସକୁ ଅଦାଲତ ଅବମାନନା ନୋଟିସ୍ ଜାରିକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬।୧୧:** ଶୁକ୍ରବାର ସୁପ୍ରିମକୋର୍ଟ କେରଳ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି । ଗତ ମାସ କେରଳ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ଜାରି କରାଯାଇଥିଲା ଯେଉଁଥିରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବାବଦରେ ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଥିଲା । ଶୁକ୍ରବାର ଏହି ମାମଲାର ବିଚାର କରି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ବିପୁଲ ଏମ ପଂଚୋଲୀଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ କହିଛନ୍ତି, ସମସ୍ତଙ୍କୁ ମନେ ରଖିବାକୁ ପଡିବ ଯେ, ସବୁଠୁ ଉପରେ ଆମ ସମ୍ବିଧାନ । କୌଣସି ସଂସ୍ଥା, କୌଣସି ସଂଗଠନ, କୌଣସି ବ୍ୟକ୍ତି ବା ରାଜନୈତିକ ଦଳ ସମ୍ବିଧାନ ଉପରେ ନୁହେଁ । ନ୍ୟାୟିକ ସ୍ୱାଧୀନତା କାହାର ରାଜନୈତିକ ସ୍ୱାର୍ଥ ବା ସୁବିଧା ପାଇଁ ନୁହେଁ, ଏହା ଭାରତର ଜନତାଙ୍କୁ ଦିଆଯାଇଥିବା ସାମ୍ବିଧାନିକ ଗ୍ୟାରେଣ୍ଟି। କୋର୍ଟ ପ୍ରତି ଅବମାନନା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହ କୋର୍ଟ ଭାରତର ଆଟର୍ଣ୍ଣି ଜେନେରାଲ ଆର.ଭେଙ୍କଟରମନୀଙ୍କୁ ଏହି ମାମଲାରେ ଜଣେ ଆମିକସ କ୍ୟୁରିଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କେରଳ କଂଗ୍ରେସ ବିରୁଦ୍ଧରେ ଫୌଜଦାରୀ ନା ଦେୱାନୀ ମାମଲା ରୁଜୁ କରାଯିବ, ତାହା ଆମିକସ କ୍ୟୁରିଙ୍କ ତର୍ଜମା ପରେ ସ୍ଥିର କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀରେ ଆନ୍ଦୋଳନ କରାଯାଉଥିବା ବେଳେ ଦିଲ୍ଲୀ ପୁଲିସ ଅତ୍ୟଧିକ ବଳପ୍ରୟୋଗ କରିଥିବା ସଂକ୍ରାନ୍ତରେ ଏକ ମାମଲା ସୁପ୍ରିମକୋର୍ଟରେ ଦୟର ହୋଇଥିଲା । ତେବେ ଏହି ମାମଲାର ଶୁଣାଣି ବେଳେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଦେଇଥିବା ଏକ ଟିପ୍ପଣୀ ଉପରେ କେରଳ କଂଗ୍ରେସ ପକ୍ଷରୁ ଏକ ବିବାଦୀୟ ପୋଷ୍ଟ ଜାରି କରାଯାଇଥିଲା । ତେବେ ଏ ନେଇ ବିବାଦ ଦେଖାଦେବାରୁ ପରବର୍ତ୍ତୀ ସମୟରେ ଏହି ପୋଷ୍ଟକୁ ଡିଲିଟ୍ କରିଦିଆଯାଇଥିଲା । କେରଳ କଂଗ୍ରେସର ଏହି ଆପତ୍ତିଜନକ ପୋଷ୍ଟ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା ।

### କଂଗ୍ରେସର ବଡ଼ ଘୋଷଣା

## ନଭେମ୍ବର ୨୬ରେ 'ସମ୍ବିଧାନ ବଞ୍ଚାଅ ମାର୍ଚ୍ଚ'

**ନୂଆଦିଲ୍ଲୀ,୬।୧୧:** ସମ୍ବିଧାନ ଦିବସ ଅବସରରେ କଂଗ୍ରେସ ପକ୍ଷରୁ ଏକ ପଦଯାତ୍ରା ଆୟୋଜନ କରାଯିବ। ନଭେମ୍ବର ୨୬ ତାରିଖରେ ହେବାକୁ ଥିବା ଏହି ପଦଯାତ୍ରାର ନାମ 'ସମ୍ବିଧାନ ବଞ୍ଚାଅ ମାର୍ଚ୍ଚ' ରଖାଯାଇଛି। ଏହି ପଦଯାତ୍ରାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଦଳର ସମସ୍ତ ସାଂସଦ ସାମିଲ ହେବେ। ଏଥିସହ ବିରୋଧୀ ଦଳର ସାଂସଦମାନଙ୍କ ସହ ମଧ୍ୟ ଆଲୋଚନା ଚାଲିଛି। 'ସମ୍ବିଧାନ ବଞ୍ଚାଅ ମାର୍ଚ୍ଚ'ରେ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଯୋଗ ଦେଇପାରନ୍ତି।

## ଅମିତାଭ ବଚ୍ଚନଙ୍କ ବଙ୍ଗଳା ବୋମାରେ ଉଡ଼ାଇଦେବାକୁ ଧମକ

**ନୂଆଦିଲ୍ଲୀ,୬।୧୧:** ମୁମ୍ବାଇର ଏକାଧିକ ହାଇ-ପ୍ରୋଫାଇଲ ସ୍ଥାନକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକପୂର୍ଣ୍ଣ ଇ-ମେଲ। ବମ୍ବେ ହାଇକୋର୍ଟକୁ ଆସିଛି ଏହି ଧମକପୂର୍ଣ୍ଣ ଇ-ମେଲ। ଏଥିରେ ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବଙ୍ଗଳା 'ଜଲସା', ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ୱର୍ଲି ରେସକୋର୍ସକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଏହି ଧମକପୂର୍ଣ୍ଣ ଇ-ମେଲ ମିଳିବା ପରେ ମୁମ୍ବାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଇ-ମେଲ ପଠାଇଥିବା ବ୍ୟକ୍ତିଙ୍କୁ ଠାବ କରିବାକୁ ପ୍ରୟାସ କରୁଛି ପୁଲିସ। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଅମିତାଭ ବଚ୍ଚନଙ୍କୁ ଟାର୍ଗେଟ କରି ଏହା ହେଉଛି ଦ୍ୱିତୀୟ ଧମକପୂର୍ଣ୍ଣ ଇ-ମେଲ। ଏହା ପୂର୍ବରୁ ଅକ୍ଟୋବର ୨୨ ତାରିଖରେ ଅମିତା ବଚ୍ଚନଙ୍କ ଉଦ୍ଦେଶ୍ୟରେ ଆସିଥିଲା ଧମକପୂର୍ଣ୍ଣ ଇ-ମେଲ। ଏହି ଇ-ମେଲ ଆସିଥିଲା ମୁମ୍ବାଇର ଏକ ସ୍କୁଲକୁ। ସେତେବେଳେ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ ଅମିତାଭ ବଚ୍ଚନ ନିଜେ କୌଣସି ଧମକପୂର୍ଣ୍ଣ ଇ-ମେଲ୍ ପାଇନାହାନ୍ତି। ଧମକପୂର୍ଣ୍ଣ ଇ-ମେଲ ମିଳିଥିବା ସତ୍ତ୍ୱେ ଅମିତାଭ ବଚ୍ଚନ ଗତ ରବିବାର 'ଜଲସା' ବାହାରେ ତାଙ୍କ ଫ୍ୟାନ୍‌ମାନଙ୍କୁ ଭେଟିବାକୁ ଆସିଥିଲେ। ତେବେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅମିତାଭଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ତାଙ୍କ ପୁଅ ଅଭିଷେକ ବଚ୍ଚନ ନିଜେ ଉପସ୍ଥିତ ରହିଥିଲେ। ସେହିଭଳି ଅମିତାଭ ଏକ ପ୍ରୋଟେକ୍ଟିଭ ଗ୍ଲାସ ଶିଲ୍ଡ ପଛରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ବଲିଉଡ୍ ଷ୍ଟାର ଓ ସେମାନଙ୍କ ପରିବାର ଲୋକଙ୍କ ସୁରକ୍ଷା ଚିନ୍ତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଦାବି କରିଥିଲା ଅଲ୍ ଇଣ୍ଡିଆ ସିନେ ୱର୍କସ ଆସୋସିଏସନ୍।

## ଡଙ୍ଗା ବୁଡ଼ି ୭ ମତ୍ସ୍ୟଜୀବୀ ମୃତ, ୨ଏବେ ବି ନିଖୋଜ

**ଅମରାବତୀ,୬।୧୧:** ବାତ୍ୟା 'ମୁରାସୁ' ପ୍ରଭାବରେ ଆନ୍ଧ୍ରପ୍ରଦେଶ ଉପକୂଳ ସମୁଦ୍ରରେ ଡଙ୍ଗା ବୁଡ଼ିଯିବାରୁ ୭ ଜଣ ତାମିଲନାଡୁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ଡଙ୍ଗାରେ ମୋଟ ୯ ଜଣ ଥିବା ବେଳେ ଅନ୍ୟ ୨ ଜଣ ଏବେ ବି ନିଖୋଜ ଅଛନ୍ତି। ଶୁକ୍ରବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ସୂଚନା ଦେବା ସହ ନିଖୋଜ ମତ୍ସ୍ୟଜୀବୀଙ୍କ ସନ୍ଧାନ ପାଇଁ ଉଦ୍ଧାର ଅଭିଯାନକୁ ଜୋରଦାର କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶମ୍ ଜିଲ୍ଲାର କୋଥାପଟ୍ଟନମ୍ ସମୁଦ୍ରତଟରେ ଡଙ୍ଗାଟି ଭାସି ଆସି କୂଳରେ ଲାଗିଥିଲା। ଗତ ତିନି ଦିନ ଧରି ଉଦ୍ଧାର ଓ ତଲାସି ଅଭିଯାନ ଚାଲିଥିବା ବେଳେ ଗୁରୁବାର ୫ଟି ମୃତଦେହ ଉଦ୍ଧାର ହୋଇଥିଲା। ଶୁକ୍ରବାର ଆଉ ୨ଟି ମୃତଦେହ ମିଳିବା ପରେ ମୃତକଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଅନ୍ୟ ଦୁଇ ମତ୍ସ୍ୟଜୀବୀଙ୍କ ପତ୍ତା ମିଳିନାହିଁ। ମୃତଦେହଗୁଡ଼ିକର ପରିଚୟ ନିଶ୍ଚିତ କରିବା ଏବଂ ଶବ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଛି। ଚେନ୍ନାଇର କାସିମେଡୁ ମତ୍ସ୍ୟଜୀବୀ ବନ୍ଦରରୁ ଅକ୍ଟୋବର ୨୯ରେ ଏହି ମତ୍ସ୍ୟଜୀବୀମାନେ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲେ। ବାତ୍ୟା ମୁରାସୁ ଆସୁଥିବାରୁ ସେମାନଙ୍କ ଡଙ୍ଗା ଆନ୍ଧ୍ରପ୍ରଦେଶର ବନ୍ଦରଗୁଡ଼ିକରେ ଆଶ୍ରୟ ନେଇଥିଲା। ତିନୋଟି ଡଙ୍ଗା ରାମାୟାପଟ୍ଟନମ୍ ବନ୍ଦରରେ ଓ ଗୋଟିଏ ନିଜାମପଟ୍ଟନମ୍ ବନ୍ଦରରେ ରହିଥିଲା। ନଭେମ୍ବର ୩ ତାରିଖରେ ନିଜାମପଟ୍ଟନମ୍‌ରେ ଆଶ୍ରୟ ନେଇଥିବା ଡଙ୍ଗାର ୯ ଜଣ ମତ୍ସ୍ୟଜୀବୀ ଅନ୍ୟ ସାଥୀମାନଙ୍କ ସହ ଯୋଗଦେବା ପାଇଁ ରାମାୟାପଟ୍ଟନମ୍ ଅଭିମୁଖେ ବାହାରିଥିଲେ। ଏ ସମ୍ପର୍କରେ ଆନ୍ଧ୍ର କିମ୍ବା ତାମିଲନାଡୁର ଅଧିକାରୀଙ୍କୁ ସୂଚନା ଦେଇ ନଥିଲେ। ରାସ୍ତାରେ ପ୍ରବଳ ପବନ ଓ ଖରାପ ପାଗ ଯୋଗୁଁ ଡଙ୍ଗାଟି ସମୁଦ୍ରରେ ବୁଡ଼ିଯାଇଥିଲା। ମୃତକମାନେ ତାମିଲନାଡୁର ହୋଇଥିବାରୁ ସେମାନଙ୍କ ଶବକୁ ନିଜ ଗାଁକୁ ପଠାଇବା ପାଇଁ ପଡ଼ୋଶୀ ରାଜ୍ୟର ଅଧିକାରୀଙ୍କ ସହ ସମନ୍ୱୟ ରଖିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଦୁର୍ଘଟଣାରେ ତାମିଲନାଡୁ ସରକାର ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଶବଗୁଡ଼ିକୁ ସରକାରୀ ଖର୍ଚ୍ଚରେ ତାମିଲନାଡୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ କହିଛନ୍ତି।

## ଚଳନ୍ତା ଟ୍ରେନ୍‌ରେ ନିଆଁ, ଜଳିଗଲା ୪ ବଗି



**ନୂଆଦିଲ୍ଲୀ,୬।୧୧:** ଚଳନ୍ତା ଟ୍ରେନ୍‌ରେ ଲାଗିଲା ନିଆଁ। ପଞ୍ଜାବର ପଟିଆଲା ଜିଲ୍ଲାର ରାଜପୁରା ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ବେଳେ ଘଟିଛି ଏହି ଘଟଣା। ଅମୃତସରରୁ ନ୍ୟୁ ଜଳପାଇଗୁଡ଼ିକ ଅଭିମୁଖେ ଯାଉଥିବା କର୍ମଭୂମି ଏକ୍ସପ୍ରେସର ୪ଟି ବଗିରେ ଲାଗି ଯାଇଥିଲା ନିଆଁ। ରେଳବାଇ ପକ୍ଷରୁ ନିଆଁକୁ ଲିଭାଇ ଦିଆଯାଇଥିବା ବେଳେ କେହି ହତାହତ ହେବାର ଖବର ଆସିନାହିଁ। ସରକାରୀ ରେଳବାଇ ପୁଲିସ (ଜିଆରପି) ଏସ୍ଏଚ୍ଓ ଗୁରପ୍ରୀତ ସିଂହ କହିଛନ୍ତି ଯେ ଗୋଟିଏ ବଗିର ଏକ ଫ୍ୟାନ୍‌ରେ ଶର୍ଟ ସର୍କିଟ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ସେହି ବଗିରେ ନିଆଁ ଲାଗିଥିଲା। ପରେ ଏହା ଅନ୍ୟ ବଗିଗୁଡ଼ିକୁ ବ୍ୟାପି ଯାଇଥିଲା। ନିଆଁ ଲାଗିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲା। ଟ୍ରେନ୍ ରହିବା ପରେ ଯାତ୍ରୀମାନେ ଓହ୍ଲାଇ ଯାଇଥିଲେ। ଦେଖୁ ଦେଖୁ ନିଆଁ ଗୋଟିଏ ପରେ ଗୋଟିଏ ୪ଟି ବଗିକୁ ବ୍ୟାପୀ ଯାଇଥିଲା। ଟ୍ରେନ୍‌ରେ ନିଆଁ ଲାଗିଥିବା ଖବର ପାଇବା ପରେ ରେଳବାଇର ଅନେକ ଅଧିକାରୀ ଓ ସୁରକ୍ଷା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ରେନ୍‌ଟିକୁ ନିଆଁ ଲାଗିଥିବା ବଗିଗୁଡ଼ିକଠାରୁ ଅଲଗା କରାଯାଇଥିଲା। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଯାତ୍ରୀମାନଙ୍କୁ ଅନ୍ୟ ଏକ ଟ୍ରେନ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଇବାକୁ ବ୍ୟବସ୍ଥା କରାଯାଇଥିଲା।

## ଗୁଜରାଟରେ ଧରାପଡ଼ିଲେ ୟୁପିର ୩ ଲୁଟେରା ୭୪.୭୫ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ

**ଅହମ୍ମଦାବାଦ,୬।୧୧:** ଉତ୍ତରପ୍ରଦେଶରେ ଲୁଟ୍ କରି ଗୁଜରାଟ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ଏକ ଆନ୍ତଃରାଜ୍ୟ ଲୁଟେରା ଦଳର ୩ ଜଣଙ୍କୁ ଗୁଜରାଟ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ୬୪ ଲକ୍ଷ ଟଙ୍କା ନଗଦ, ୫ଟି ମୋବାଇଲ୍ ଫୋନ୍ ଓ ଏକ କାର ଜବତ କରାଯାଇଛି। ଜବତ ସମ୍ପତ୍ତିର ମୋଟ ମୂଲ୍ୟ ୭୪.୭୫ ଲକ୍ଷ ଟଙ୍କା ହେବ। ଗୁଜରାଟର ପାଟଣ ଜିଲ୍ଲା ପୁଲିସର ସ୍ଥାନୀୟ ଅପରାଧ ଶାଖା (ଏଲ୍‌ସିବି) ପାଟଣ-ସିଦ୍ଧପୁର ରାଜପଥରେ ଏହି ଚଢ଼ଉ କରିଛି। ପୁଲିସ ସୂଚନା ଅନୁସାରେ, ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଆଶିୟାନା ଥାନା ଅଞ୍ଚଳରୁ ଅକ୍ଟୋବର ୨୩ ତାରିଖରେ ୬୪ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଗୁଜରାଟ ଆଡ଼କୁ ଖସିଯାଇଥିବା ସୂଚନା ପାଇ ପାଟଣ ଏଲ୍‌ସିବି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ରୁଷିକ ନଗର ନିକଟ ପାଟଣ-ସିଦ୍ଧପୁର ରାଜପଥରେ ପୁଲିସ ଘେରାବନ୍ଦୀ କରିଥିଲା। ସନ୍ଦେହଜନକ ଭାବେ ଯାଉଥିବା ଏକ କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୫୦୦ ଟଙ୍କିଆ ନୋଟ୍‌ର ୧୨୮ଟି ବଣ୍ଡଲ୍‌ରେ ଥିବା ୬୪ ଲକ୍ଷ ଟଙ୍କା ମିଳିଥିଲା। ଏହା ସହ ୭୫ ହଜାର ଟଙ୍କା ମୂଲ୍ୟର ୫ଟି ମୋବାଇଲ୍ ଫୋନ୍ ଓ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର କାର ଜବତ ହୋଇଥିଲା। ଗିରଫ ତିନି ଅଭିଯୁକ୍ତ ହେଲେ ଦବେ ଯଶକୁମାର, ପ୍ରଜ୍ଞେଶକୁମାର ଓ ପଟେଲ ଜୟକୁମାର। ସେମାନଙ୍କ ବିରୋଧରେ ଲକ୍ଷ୍ନୌର ଆଶିୟାନା ଥାନାରେ ପୂର୍ବରୁ ଲୁଟ୍ ମାମଲା ରୁଜୁ ହୋଇଥିବା ଯାଞ୍ଚରୁ ଜଣାପଡ଼ିଥିଲା। ପାଟଣ ପୁଲିସ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଅନୁସାରେ ଜବତ ସମ୍ପତ୍ତିକୁ ନିଜ ହେପାଜତକୁ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରି ପାଟଣ ସହରର ବି ଡିଭିଜନ୍ ଥାନାକୁ ହସ୍ତାନ୍ତର କରିଛି।

## ମାଡ଼ିଗଲା ଟ୍ରକ୍, ୭ ମୃତ



**ଝାଡ଼ଖଣ୍ଡ,୬।୧୧:** ସାହାଯ୍ୟ କରିବାକୁ ଯାଇ ଚାଲିଗଲା ୭ ଜୀବନ । ରକ୍ତରେ ଭିଜିଲା ରାଜପଥ। ଉଜୁଡ଼ିଗଲା ୭ ହସ ଖୁସିର ସଂସାର। ମାଡ଼ିଗଲା ଟ୍ରକ୍, ୭ ମୃତ। ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଭୟଙ୍କର ଦୁର୍ଘଟଣା । କରା ଥାନା ଅଞ୍ଚଳରେ ଭିଡ଼ ଭିତରେ ପଶିଗଲା ଟ୍ରକ୍ । ଘଟଣାସ୍ଥଳରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଖବର ମୁତାବକ, ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲା କର୍ରା ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଯେଉଁଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି । ରାଜପଥରେ ଜଣେ ସ୍କୁଟି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଦେଖି ସ୍ଥାନୀୟ ଗ୍ରାମବାସୀ ଏବଂ ସେହି ବାଟ ଦେଇ ଯାଉଥିବା ଲୋକମାନେ ଆହତ ସ୍କୁଟି ଚାଳକଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ ରୁଣ୍ଡ ହୋଇଥିଲେ। ଲୋକମାନେ ଏକାଠି ହୋଇଥିବା ସମୟରେ ଏକ ଦ୍ରୁତଗାମୀ ୧୮ ଚକିଆ ଟ୍ରକ୍ ସେହି ଭିଡ଼ ଉପରକୁ ସିଧାସଳଖ ମାଡ଼ି ଯାଇଥିଲା । ଖୁଣ୍ଟି ଜିଲ୍ଲା ଝଟଙ୍କ ସୂଚନା ଅନୁଯାୟୀ, ୬ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଜଣେ ୧୨ ବର୍ଷର ଶିଶୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ମୋଟ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି । ମୃତକଙ୍କ ମଧ୍ୟରେ ଚାରିଜଣ ମହିଳା ଏବଂ ତିନିଜଣ ଶିଶୁ ଅଛନ୍ତି ।

## ରାମନଗରୀରେ ଜଳିବ ୩୦ ଲକ୍ଷ ଦୀପ

### ରାମାୟଣର ସାତ କାଣ୍ଡ ଉପସ୍ଥାପନ କରିବେ ୧୦୦୦ କଳାକାର



**ଅଯୋଧ୍ୟା,୬।୧୧:** ଆସ୍ଥା, ଆବେଗ ଏବଂ ଭକ୍ତିର ଉତ୍ସବ 'ଦୀପାବଳି' ଏଥର ଅଯୋଧ୍ୟାରେ ନୂଆ ରେକର୍ଡର ମୂକସାକ୍ଷୀ ହେବାକୁ ଯାଉଛି। ଦୀପୋତ୍ସବର ଦଶମ ସଂସ୍କରଣକୁ ସ୍ମରଣୀୟ ଏବଂ ଐତିହାସିକ କରିବା ପାଇଁ ରାମନଗରୀରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ସରଯୁ ନଦୀର ୫୬ଟି ଘାଟରେ ୩୦ ଲକ୍ଷରୁ ଅଧିକ ଦୀପ ଜଳିବ। ୨,୧୫୧ ଜଣ ବେଦାଚାର୍ଯ୍ୟ ଏବଂ ଅର୍ଚ୍ଚକ ଏକକାଳୀନ ସରଯୁ କୂଳରେ ମହାଆରତୀ କରିବେ। ଦୀପୋତ୍ସବର ମୁଖ୍ୟ ଅତିଥି ହେବେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ରହିବେ। ଦୀପୋତ୍ସବରେ ପରଂପରା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଝଲକ ଦେଖିବାକୁ ମିଳିବ। ଆକାଶରେ ୨,୧୦୦ ସ୍ୱଦେଶୀ ଡ୍ରୋନ୍ ରାମାୟଣର ପ୍ରମୁଖ ଘଟଣାକ୍ରମକୁ ଜୀବନ୍ତ କରିବେ। ଏଥିରେ ବୀର ମୁଦ୍ରାରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ହନୁମାନ, ରାବଣ ବଧ, ପୁଷ୍ପକ ବିମାନ ଏବଂ ରାମ ଦରବାର ଭଳି ଆକୃତି ଦେଖାଯିବ। ଏହା ବ୍ୟତୀତ ମହର୍ଷି ବାଲ୍ମିକୀ, ଗୋସ୍ୱାମୀ ତୁଳସୀଦାସ ଏବଂ ହନୁମାନଙ୍କର ବିଭିନ୍ନ ସ୍ୱରୂପ ଆକଶରେ ଦୃଶ୍ୟମାନ ହେବ। ରାମାୟଣ ପ୍ରସଙ୍ଗ ଉପରେ ଆଧାରିତ ମେଢ଼ଗୁଡ଼ିକ ମୁସଲିମ କଳାକାର ମଧ୍ୟ ନିର୍ମାଣ କରୁଛନ୍ତି। ଉତ୍ତରପ୍ରଦେଶ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ୩୫ ହଜାର ସ୍ୱୟଂସେବକ ସରଯୁର ୫୬ଟି ଘାଟରେ ଦୀପ ଜଳାଇବେ। ମଲ୍ଟିମିଡିଆ ପ୍ରୋଜେକ୍ଟ, ଲେଜର ସୋ', ୧୦୦ରୁ ଅଧିକ କଳାକାରଙ୍କ ଲାଇଭ୍ ପ୍ରସ୍ତୁତି ଏବଂ ଗୀତ ସହିତ ସବୁଜ ବାଣ ଆକର୍ଷଣର କେନ୍ଦ୍ର ହେବ।

ଉତ୍ତରପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଜୟବୀର ସିଂହ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରେରଣାରେ ଅଯୋଧ୍ୟାରେ ଦୀପୋତ୍ସବ ୨୦୧୭ରେ ଆରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣରେ ୧.୭୧ ଲକ୍ଷ ଦୀପ ଜଳିଥିଲା। ଏହା ପରେ ୨୦୧୮ରେ ୩.୦୧ ଲକ୍ଷ, ୨୦୧୯ରେ ୪.୦୪ ଲକ୍ଷ, ୨୦୨୦ରେ ୬.୦୬ ଲକ୍ଷ ଏବଂ ୨୦୨୧ରେ ୯.୪୧ ଲକ୍ଷ ଦୀପ ପ୍ରଜ୍ୱଳିତ କରାଯାଇଛି। ସେ କହିଛନ୍ତି, ଦୀପ ସଂଖ୍ୟା ବୃଦ୍ଧି ଆୟୋଜନର ଭବ୍ୟତାକୁ ପ୍ରୋତ୍ସାହନ ଦେଉଛି। ଏହାର କାରଣ ହେଉଛି ଭଗବାନ ରାମଙ୍କ ପ୍ରତି ଭକ୍ତଙ୍କର ଶ୍ରଦ୍ଧା ଏବଂ ଭଲ ପାଇବା।

# ଆଜି ଦ୍ୱିତୀୟ ଦିନିକିଆ, ସିରାଜଙ୍କୁ ମିଳିପାରେ ସୁଯୋଗ

ନୂଆଦିଲ୍ଲୀ, ୬/୧୧ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ସିରିଜର ଦ୍ୱିତୀୟ ମୁକାବିଲା ଖେଳାଯିବ । ପ୍ରଥମ ମୁକାବିଲାକୁ ଭାରତ ୫ ୱିକେଟରେ ଜିତି ନେଇଛି । ଶନିବାର ସକାଳେ ସାଢେ ୭ଟାରେ ଦ୍ୱିତୀୟ ମ୍ୟାଚ୍ ହେନରୀ ଷ୍ଟାଡିୟମରେ ଖେଳାଯିବ। ସିରିଜରେ ଭାରତ ଆଗୁଆ ରହିଥିଲେ ବି କମ୍ ବ୍ୟାକ୍ କରିବାକୁ କିୱି ଟିମ୍ ପ୍ରସ୍ତୁତି ଚଳାଇଛି । ଦଳ ପୂର୍ବରୁ ଟି୨୦ ସିରିଜ୍ ହାରି ସାରିଛି । ଦିନିକିଆ ସିରିଜ୍ ହାରିଲେ ଦଳ ଅଲୋଡା ରେକର୍ଡ ସ୍ଥାପନ କରିବ ।

ଦ୍ୱିତୀୟ ମୁକାବିଲାରେ ଭାରତର ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ ହୋଇପାରେ । ଅଭିଜ୍ଞ ବୋଲର ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିପାରେ । ଆକିବ୍ ନବୀଙ୍କୁ ବାହାରେ ବସିବାକୁ ପଡିପାରେ । ସିରାଜ ପ୍ରଥମ ମୁକାବିଲାରେ ସିଲେକ୍ସନ ପାଇଁ ଉପଲବ୍ଧ ନଥିଲେ । ଏବେ ସେ ଟିମରେ ସାମିଲ ହୋଇଛନ୍ତି । ସେ ଫେରିବା ପରେ ପେସ୍ ଆଟାକ୍ ଆହୁରି ମଜବୁତ ହେବ । ବୁମରାଙ୍କ ଅନୁପସ୍ଥିତି କାରଣରୁ ସିରାଜ ପେସ୍ ମଙ୍ଗ ଧରିବେ ।ଓପନିଂ ଭାର ରୋହିତ ଶର୍ମା ଏବଂ ଶୁବମନ ଗିଲ ସମ୍ଭାଳିବେ । ପ୍ରଥମ ଦିନିକିଆରେ ରୋହିତ ଖାତା ଖୋଲି ପାରିନଥିଲେ । କିନ୍ତୁ ଦଳ ଆଉ ଥରେ ତାଙ୍କୁ ସୁଯୋଗ ଦେଇପାରେ । ଗିଲଙ୍କୁ କପ୍ତାନୀ ପାଳି ଖେଳିବାକୁ ହେବ । ତୃତୀୟ ନମ୍ବରରେ ବିରାଟ କୋହଲି ଫର୍ମରେ ଅଛନ୍ତି । ସେ ପ୍ରଥମ ମ୍ୟାଚରେ ଦ୍ରୁତ ୭୪ ରନ୍ କରିଥିଲେ ।ସେହିପରି ଚତୁର୍ଥ ସ୍ଥାନରେ ଶ୍ରେୟସ ଆୟର ଖେଳିପାରନ୍ତି । ସେ ପ୍ରଥମ ମୁକାବିଲାରେ ଭଲ ଆରମ୍ଭ କରିଥିଲେ ବି ବଡ ସ୍କୋର୍ କରିପାରିନଥିଲେ । ଅନ୍ୟ ଦିଗରେ ଅକ୍ଷର ପଟେଲ ୫ ନମ୍ବର ଓ କେଏଲ ରାହୁଲ ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିପାରନ୍ତି । ଦେଖିବାକୁ ଗଲେ ପ୍ରଥମ



ମ୍ୟାଚ୍ ଭଳି ଦ୍ୱିତୀୟ ମୁକାବିଲାରେ ସମାନ ଟିମ୍ ରହିପାରେ । କେବଳ ସିରାଜ ହିଁ ଏକମାତ୍ର ପରିବର୍ତ୍ତନ ହୋଇପାରନ୍ତି ।

ସେହିପରି ନ୍ୟୁଜିଲାଣ୍ଡର ବିସ୍ଫୋରକ ବ୍ୟାଟର ଡେଭନ୍ କନୱେ ଭାରତ ବିପକ୍ଷରେ ସମଗ୍ର ଦିନିକିଆ ଶୃଙ୍ଖଳାରୁ ବାଦ ପଡ଼ିଛନ୍ତି । ଅଭ୍ୟାସ ସମୟରେ ମ୍ୟାଟ୍ ହେନରୀଙ୍କ ସହ ଧକ୍କା ଯୋଗୁଁ ସେ ଆଘାତ ପାଇଥିଲେ, ଯାହା ଫଳରେ ତାଙ୍କୁ ପ୍ରଥମ ଦିନିକିଆରେ ବାହାରେ ରହିବାକୁ ପଡିଥିଲା । ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ଏବେ ଏକ ବିବୃତ୍ତି ଜାରି କରି ସମଗ୍ର ସିରିଜରୁ କନୱେଙ୍କ ଅନୁପସ୍ଥିତିକୁ ନିଶ୍ଚିତ କରିଛି । ବାମହାତୀ ବ୍ୟାଟ୍ସମ୍ୟାନ୍ ନିକ୍ କେଲିଙ୍କୁ କନୱେଙ୍କ ସ୍ଥାନରେ ସାମିଲ କରାଯାଇଛି । ଦ୍ରୁତ ବୋଲର ମ୍ୟାଟ୍ ହେନରୀ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି । ଅଭ୍ୟାସ ସମୟରେ ହେନରୀ ମଧ୍ୟ ଏହି ଘଟଣାରେ ସାମିଲ ଥିଲେ । ଏହି ସମୟରେ ନିକ୍ କେଲି ନ୍ୟୁଜିଲାଣ୍ଡ ଏ ଦଳ ଛାଡ଼ି ବରିଷ୍ଠ ଦଳରେ ଯୋଗ ଦେଇଛନ୍ତି । ଡେଲ୍ ଫିଲିପ୍ସ ଭାରତ ଏ ବିପକ୍ଷରେ ତୃତୀୟ ଅଣଆନୁଷ୍ଠାନିକ ଟେଷ୍ଟରେ ତାଙ୍କ ସ୍ଥାନରେ ଆସିବେ ।ଡେଭନ୍ କନୱେ ଅସୁସ୍ଥ ହେବା ନ୍ୟୁଜିଲାଣ୍ଡ ପାଇଁ ଏକ ବଡ଼ ଝଟକା । କାରଣ ରଚିନ୍ ରବୀନ୍ଦ୍ର ଏବଂ ମାର୍କ ଚାପମ୍ୟାନ୍ ଆଘାତ ଯୋଗୁଁ ପୂର୍ବରୁ ସିରିଜରୁ ବାଦ ପଡ଼ିଛନ୍ତି । କିୱି ଦଳ ବ୍ୟାଟିଂରେ ଏକ ବଡ଼ ଝଟକା ପାଇଛି । ଉଲ୍ଲେଖନୀୟ ଯେ ଅକଲ୍ୟାଣ୍ଡରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡର ସମ୍ପୂର୍ଣ୍ଣ ଦଳ ୧୮୫ ରନରେ ଅଲଆଉଟ୍ ହୋଇଯାଇଥିଲା । ୩୩ ବର୍ଷୀୟ ନିକ୍ କେଲିଙ୍କ କଥା କହିବାକୁ ଗଲେ ସେ ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦଳ ପାଇଁ ଆଠଟି ଦିନିକିଆ ଖେଳି ୨୬୫ ରନ୍ କରିଛନ୍ତି, ଯେଉଁଥିରେ ତିନୋଟି ଅର୍ଦ୍ଧଶତକ ମଧ୍ୟ ସାମିଲ ଅଛି । ସେ ସାତଟି ଟି-୨୦ରେ କିୱି ଦଳ ପାଇଁ ପ୍ରତିନିଧିତ୍ୱ ମଧ୍ୟ କରିଛନ୍ତି ।

# ଏସୀୟ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଜାପାନକୁ ହରାଇ ସ୍ୱର୍ଣ୍ଣ ଜିତିଲା ଭାରତୀୟ ହକି ଟିମ୍





ମୋହାଲି,୬।୧୧ : ମୋହାଲିରେ ଖେଳା ଯାଇଥିବା ଏସୀୟ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ୍ ମ୍ୟାଚରେ ଭାରତ ବିଜୟୀ । ଭାରତୀୟ ପୁରୁଷ ହକି ଟିମ୍ ଜାପାନକୁ ୪-୧ ଗୋଲରେ କରିଛି ପରାସ୍ତ । ଏହି ମୁକାବିଲାରେ ଦ୍ୱିତୀୟ କ୍ୱାର୍ଟର ପର୍ଯ୍ୟନ୍ତ ଜାପାନ ଅଗ୍ରଣୀ ହାସଲ କରିଥିଲା, କିନ୍ତୁ ଏହାପରେ ଭାରତ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଦମଦାର ପ୍ରଦର୍ଶନ କରି ଗୋଟିଏ ପରେ ଗୋଟିଏ ଗୋଲ୍ ଦେଇ ଥିଲା । ଏହି ବିଜୟ ସହ ଭାରତ ଷଷ୍ଠ ଥର ପାଇଁ ଏସୀୟ ଚାମ୍ପିୟନ୍ସ ଟ୍ରଫି ନିଜ ନାମରେ କରି ପାରିଛି । ସୂଚନା ଯେ, ପୂର୍ବରୁ ଭାରତ ୨୦୧୧, ୨୦୧୬, ୨୦୧୮, ୨୦୨୩, ୨୦୨୪ ଏବଂ ୨୦୨୬ରେ ଏହି ଟାଇଟଲ ଜିତି ସାରିଛି ।ଜାପାନ ବିପକ୍ଷ ଫାଇନାଲ୍ ମ୍ୟାଚରେ ଭାରତ ପକ୍ଷରୁ ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂହ, ଜୁଗରାଜ ସିଂହ ଏବଂ ବିବେକ ସାଗର ପ୍ରସାଦ ଗୋଲ୍ ସ୍କ ?ର କରିଥିଲେ । ଅନ୍ୟପଟେ ଜାପାନ ପାଇଁ ଏକମାତ୍ର ଗୋଲ୍ କାଜୁମାସା ମାସୁମୋଟୋ ଦେଇଥିଲେ । ଚତୁର୍ଥ କ୍ୱାର୍ଟରରେ ଭାରତ ୩ଟି ଗୋଲ୍ ଦେଇ ମ୍ୟାଚକୁ ସମ୍ପୂର୍ଣ୍ଣ ନିଜ କବଜାକୁ ନେଇଥିଲା ।ମ୍ୟାଚର ତୃତୀୟ ମିନିଟରେ କାଜୁମାସା ମାସୁମୋଟୋଙ୍କ ଗୋଲ୍ ବଳରେ ଜାପାନ ପ୍ରଥମେ ଅଗ୍ରଣୀ ହାସଲ କରିଥିଲା । ଏହାପରେ ଭାରତୀୟ ଖେଳାଳି ଶୀଳାନନ୍ଦ ଲାକ୍ରା (୪୨ତମ ମିନିଟ୍), ଦିଲପ୍ରୀତ ସିଂହ (୪୮ତମ), ଜୁଗରାଜ ସିଂହ (୫୩ତମ) ଏବଂ ବିବେକ ସାଗର ପ୍ରସାଦ (୫୪ତମ ମିନିଟ୍) ଗୋଲ୍ ସ୍କ ?ର କରି ଦଳକୁ ବିଜୟୀ କରାଇ ଥିଲେ । ଏସୀୟ କ୍ରୀଡ଼ାର ବର୍ତ୍ତମାନର ସ୍ୱର୍ଣ୍ଣ ପଦକ ବିଜେତା ଭାରତ, ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ-ରୋବିନ୍ ଲିଗ୍ ମ୍ୟାଚରେ ମଧ୍ୟ ଜାପାନକୁ ୪-୧ରେ ପରାସ୍ତ କରିଥିଲା । ଅନ୍ୟପଟେ, ଅବୁ କମାଲ ଅରଜାଇଙ୍କ ଦୁଇଟି ଗୋଲ୍ ବଳରେ ଏସୀୟ କ୍ରୀଡ଼ାର ରଜତ ପଦକ ବିଜେତା ମାଲେସିଆ ଗୁରୁବାର ଏସୀୟ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟର କାଂସ୍ୟ ପଦକ ମୁକାବିଲାରେ ଦକ୍ଷିଣ କୋରିଆକୁ ୫-୨ ଗୋଲରେ ପରାସ୍ତ କରିଛି ।

ଗୁରୁବାର ଦିନ ଭାରତ ଓ ଜାପାନ ମଧ୍ୟରେ ଏହି ଟାଇଟଲ ମୁକାବିଲା ଖେଳା ଯାଇଥିଲା । ଜାପାନ ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ନେଇଥିବା ବେଳେ ତୃତୀୟ କ୍ୱାର୍ଟରରେ ଭାରତୀୟ ହକି ଟିମ୍ ଗୋଲ୍ ଦେଇ ସମାନ ସ୍ଥିତିରେ ପହଞ୍ଚି ଥିଲା । ଚତୁର୍ଥ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୪-୧ରେ ମ୍ୟାଚ୍ ଜିତିନେଇ ଥିଲା । ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୮-୧ରେ ହରାଇ ଭାରତ ଫାଇନାଲରେ ପହଞ୍ଚିଥିଲା, ସେହିପରି ଜାପାନ ପ୍ରଥମ ସେମିଫାଇନାଲରେ ମାଲେସିଆ ବିପକ୍ଷରେ ପେନାଲ୍ଟି ସୁଟ୍-ଆଉଟରେ ୫-୨ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା ।

# ପୁଣି ପଏଣ୍ଟ ବାଣ୍ଟିଲା ଓଡ଼ିଶା, ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ଡ୍ର'

ଭୁବନେଶ୍ୱର୬।୧୧ : ଚଳିତ ରଣଜୀ ଟ୍ରଫି ଋତୁରେ ଓଡ଼ିଶାର ବିଜୟ ଆଶା ପଦ୍ମ ଘୁଞ୍ଚିଲା ଭଳି ଘୁଞ୍ଚି ଘୁଞ୍ଚି ଯାଉଛି । ପ୍ରଥମ ଦୁଇ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିବା ଶୁଭ୍ରାଂଶୁ ସେନାପତିଙ୍କ ସେନା ସର୍ଭିସେସ୍ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଭାଗ୍ୟ ବଳରେ ଡ୍ର' ପାଇଥିଲା । ଘୂର୍ଣ୍ଣିଝଡ଼ 'ଅର୍ଣ୍ଣବ' ଜନିତ ବର୍ଷା କାରଣରୁ ଏହି ଡ୍ର' ମ୍ୟାଚ୍‌ରୁ ୧ ପଏଣ୍ଟ ଅର୍ଜନ କରି ନେଇଥିଲା । ଏବେ ଝାଡ଼ଖଣ୍ଡ ବିପକ୍ଷ ଚତୁର୍ଥ ମୁକାବିଲାରେ ମଧ୍ୟ ସମଦଶା ଭୋଗିଛି ।

'ମୁରାସୁ' ବାତ୍ୟା ପ୍ରଭାବରେ ହୋଇଥିବା ଅପ୍ରତ୍ୟାଶିତ ବର୍ଷା ଓ କୋହଲା ପାଗ ଭିତରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ୪୦୦ରୁ ଅଧିକ ରନ୍ କରିବାର ସୁଯୋଗ ଦେବା ପରେ ଚତୁର୍ଥ ତଥା ଶେଷ ଦିନର ଖେଳ ଶେଷ ସୁଦ୍ଧା ୭ ୱିକେଟ୍ ବିନିମୟରେ ୨୮୦ ରନ୍ କରିଛି । ଦୁଇ ଦଳର ପ୍ରଥମ ପାଳି ନିର୍ଦ୍ଧାରିତ ସମୟ ଭିତରେ ଶେଷ ହୋଇ ନପାରିବା ଏବଂ ଦ୍ୱିତୀୟ ପାଳି ଆରମ୍ଭ ହେବାର ଅବକାଶ ନଥିବାରୁ ମ୍ୟାଚ୍ ବିନା ହାର୍ ଜିତ୍‌ରେ ଶେଷ ହୋଇଛି । ତା' ସହିତ ଉଭୟ ଦଳ ସମାନ ପଏଣ୍ଟ ବାଣ୍ଟିଛନ୍ତି । ଝାଡ଼ଖଣ୍ଡ ଲଗାତାର ଚତୁର୍ଥ ଡ୍ର' ହାସଲ କରିଥିଲେ ମଧ୍ୟ କେରଳ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ପାଳି ଅଗ୍ରଣୀ ଲାଭ କରିଥିବାରୁ ୪ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇଛି ।



ଅନ୍ୟପକ୍ଷରେ ଓଡ଼ିଶା ମାତ୍ର ୨ ପଏଣ୍ଟ ପାଇ ୮ ଦଳିଆ ଏଲିଟ୍ ଗ୍ରୁପ୍-ସି'ର ସବାଶେଷ ସ୍ଥାନରେ ଅପରିବର୍ତ୍ତିତ ରହିଛି । ଓଡ଼ିଶା ଗତବର୍ଷ କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ନାଗାଲାଣ୍ଡକୁ ହରାଇଥିଲା । ଏଥର କିନ୍ତୁ ଦୁଇଟି ଯାକ ମ୍ୟାଚ୍ ଡ୍ର' କରିଛି । ତା' ସହିତ ବିନା ବିଜୟରେ ଭୁବନେଶ୍ୱର ପର୍ଯ୍ୟାୟ ଶେଷ କରିଛି । ଏହା ପରେ ପଞ୍ଚମ ରାଉଣ୍ଡ ମ୍ୟାଚ୍‌ରେ ରାଜ୍ୟ ଦଳ ଶକ୍ତିଶାଳୀ ଦିଲ୍ଲୀକୁ ବାରବାଟୀରେ ଭେଟିବ । ଏହି ମ୍ୟାଚ୍ ୨୦୨୭ ଜାନୁଆରି ୧୭ରୁ ଆରମ୍ଭ ହେବ । ଏଥିଲାଗି ଆଉ ପାଖାପାଖି ଅଢେଇ ମାସର ସମୟ ବାକି ଥିବାରୁ ନିଜ ଦୋଷ, ଦୁର୍ବଳତା ସୁଧାରିବାର ସୁଯୋଗ ଅବଶ୍ୟ ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଓଡ଼ିଶା ପାଖରେ ରହିବ । ଚାରି ଦିନର ଖେଳରେ ମାତ୍ର ୨୩୦.୧ ଓଭର ଖେଳ ସମ୍ଭବ ହୋଇଥିବା ଝାଡ଼ଖଣ୍ଡ-ଓଡ଼ିଶା ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଗୁରୁବାର ପୂର୍ବ ଦିନର ଅସମାପ୍ତ ସ୍କୋର୍ ୨୩/୦ରୁ ଖେଳ ଆରମ୍ଭ କରି ସାରା ଦିନରେ ୭ ୱିକେଟ୍ ହରାଇ ଆଉ ୨୫୭ ରନ୍ ଯୋଡ଼ିଥିଲା । ଦିନର ପ୍ରଥମ ୱିକେଟ୍ ଭାବେ ଓପନର୍ ଗୌରବ ଚୌଧୁରୀ ବ୍ୟକ୍ତିଗତ ସ୍କୋର୍‌ରେ ଆଉ ମାତ୍ର ୮ ରନ୍ ଯୋଡ଼ି ଝାଡ଼ଖଣ୍ଡର ବାମହାତୀ ପାରମ୍ପରିକ ବୋଲର ମନିଷୀଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ । ପରେ ବଲ୍‌ରେ ସନ୍ଦୀପ ପଟ୍ଟନାୟକ ଖାତା ଖୋଲି ପାରି ନଥିଲେ । ସେହିଭଳି ଅଧିନାୟକ ଶୁଭ୍ରାଂଶୁ ୧୨ ରନ୍ ଆଗକୁ ବଢ଼ି ପାରି ନଥିଲେ । ଫଳରେ ଘରୋଇ ଦଳ ୫୯/୩ରେ ସଂଘର୍ଷ କରିଥିଲା । ଏହା ଭିତରେ ବଡ଼ଦରାରୁ ଆମଦାନି ହୋଇଥବା ପେସାଦାର ନିନାଦ ରାଥଭା ପୁଣି ଥରେ ନିରାଶ କରି ୨୧ ରନ୍‌ରେ ଆଉଟ୍ ହୋଇଥିଲେ ।

ସାଥୀ ଖେଳାଳିଙ୍କ ୱିକେଟ୍ ପତନ ଧାରାରେ ପ୍ରଭାବିତ ହୋଇଥିବା ଅନ୍ୟତମ ଓପନର୍ ସ୍ୱସ୍ତିକ ସାମଲ ୪୭ତମ ଓଭରରେ ଏକାଗ୍ରତା ହରାଇ ବସିଥିଲେ । ପ୍ରତ୍ୟୁଷ ସିଂହଙ୍କ ଦ୍ୱାରା ୮୦ ରନ୍‌ରେ ବୋଲ୍ଡ ହୋଇ ୨୦ ରନ୍ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲା । ୨୦୩ ରନ୍‌ରେ ଅଧା ଦଳ ହରାଇବା ପରେ ୱିକେଟ୍ ରକ୍ଷକ ରାଜେଶ ଧୂପର ବ୍ୟକ୍ତିଗତ ୨୪ ରନ୍‌ରେ ଥିଲା ବେଳେ ଆହତ ହୋଇ ପଡ଼ିଆ ଛାଡ଼ିଥିଲେ । ପରବର୍ତ୍ତୀ ବ୍ୟାଟର୍ ରାଜେଶ ମହାନ୍ତି ଶୂନରେ ପ୍ୟାଭିଲିୟନ ଫେରିବା ପରେ ମାତ୍ର ଗୋଟିଏ ବଲ୍ ପରେ ଧୂପର ପୁଣି ଥରେ ପିଚ୍‌କୁ ଓହ୍ଲାଇଥିଲେ । ଅନିଲ ପରିଡ଼ାଙ୍କ ସହ ଷଷ୍ଠ ୱିକେଟ୍‌ରେ ୪୬ ଏବଂ ଲଳିତ ଯାଦବଙ୍କ ସହ ଅବିଭାଜିତ ସପ୍ତମ ୱିକେଟ୍‌ରେ ୩୧ ରନ୍ ଯୋଡ଼ି ଝାଡ଼ଖଣ୍ଡକୁ ପ୍ରଥମ ପାଳି ଅଗ୍ରଣୀ ଲାଭରୁ ରୋକିଥିଲେ । ଅନିଲ ମାରାଥନ ପାଳି ଖେଳି ୧୫୧ ବଲ୍‌ରୁ ୮ ଚୌକା ଏବଂ ଗୋଟିଏ ଛକା ବଳରେ ୫୭ ରନ୍‌ରେ ଆଉଟ୍ ହୋଇଥିଲେ । ଏହା ମଧ୍ୟ ଥିଲା ଚଳିତ ଋତୁରେ ତାଙ୍କ ପ୍ରଥମ ଅର୍ଦ୍ଧଶତକ । ଗୁରୁବାର ଖେଳ ବନ୍ଦ ବେଳକୁ ଧୂପର ୩୯ ଓ ଲଳିତ ୨୫ ରନ୍‌ରେ ଅପରାଜିତ ରହିଥିଲେ । ଶତକୀୟ ପାଳି ଖେଳିଥିବା ଝାଡ଼ଖଣ୍ଡର ଆଦିତ୍ୟ ସିଂହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସଂକ୍ଷିପ୍ତ ସ୍କୋର: ଝାଡ଼ଖଣ୍ଡ ପ୍ରଥମ ପାଳି-୪୩୩/୮ (ଘୋଷଣା) । ଓଡ଼ିଶା ପ୍ରଥମ ପାଳି ୮୮ ଓଭରରେ-୨୮୦/୭ (ସ୍ୱସ୍ତିକ ସାମଲ ୮୦, ଅନିଲ ପରିଡ଼ା ୫୭, ରାଜେଶ ଧୂପର ୩୯*, ଲଳିତ ଯାଦବ ୨୫*, ନିନାଦ ରାଥଭା ୨୧, ପ୍ରତ୍ୟୁଷ ସିଂହ ୩/୫୮, ମନିଷୀ ୩/୭୭) ।

## ସେହ୍ୱାଗଙ୍କ ପୁଅ କଲେ ଧମାଲ

ନୂଆଦିଲ୍ଲୀ,୬।୧୧ : ଓମାନର ଅଲ ଅମରଟରେ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ନେପାଳ ବିପକ୍ଷରେ ଆଜି ଖେଳା ଯାଇଥିବା ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଛି । ନେପାଳ ୧୨୮ ରନ୍ କରିଥିବାବେଳେ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ୫୨ଟି ବଲ୍‌ରୁ ୭୦ ରନ୍ କରି ଅପରାଜିତ ରହିଥିଲେ । ସେ ୭ଟି ଚୌକା ଓ ୪ଟି ଛକା ସହାୟତାରେ ଏହି ରନ୍ ସଂଗ୍ରହ କରିଥିଲେ । ସେ ୩୪ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ । ଅଧିନାୟକ ଲକ୍ଷ୍ୟ ରାୟଚନ୍ଦାନିଙ୍କ ସହିତ ଓପନିଂ କରିବାକୁ ଆସିଥିଲେ ଆର୍ଯ୍ୟବୀର ସେହ୍ୱାଗ । ସେମାନଙ୍କୁ ଆଉଟ୍ କରିପାରି ନଥିଲେ ନେପାଳର ବୋଲରମାନେ । ଫଳରେ ମାତ୍ର ୧୯.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ଭାରତ ଅଣ୍ଡର ୧୯ ଟିମ୍ । ଅଧିନାୟକ ରାୟଚନ୍ଦାନି ୬୩ଟି ବଲ୍‌ରୁ ୫୩ ରନ୍ କରିଥିଲେ ।

## କୋକେନ ଖାଇ ଖେଳରୁ ବାସନ୍ଦ ହୋଇଥିଲେ ଲିନ୍

ସିଡ୍‌ନି:କୋକେନ୍ ସେବନ କରିବା ଅଭିଯୋଗରେ ଅଷ୍ଟ୍ରେଲିଆର ବିସ୍ଫୋରକ ଟ୍ୱେଣ୍ଟି-୨୦ ବ୍ୟାଟର୍ କ୍ରିସ୍ ଲିନ୍ ଗୋଟିଏ ମାସ ବାସନ୍ଦ ହୋଇଥିଲେ । ବର୍ତ୍ତମାନ ଏହି ବାସନ୍ଦର ଅବଧି ଶେଷ ହୋଇଛି ବୋଲି ଇଂଲଣ୍ଡ କ୍ରିକେଟ୍ ନିୟାମକ ସଂସ୍ଥା ଶୁକ୍ରବାର ସୂଚନା ଦେଇଛି । ଇଂଲଣ୍ଡ ଆୟୋଜିତ 'ଟ୍ୱେଣ୍ଟି-୨୦ ବ୍ଲାଷ୍ଟ' ଫାଇନାଲ୍ ମ୍ୟାଚ୍ ଦିନ (ଜୁଲାଇ ୧୮) ନର୍ଥାମ୍ପଟନ୍‌ରୁ ଖେଳୁଥିବା ୩୬ ବର୍ଷୀୟ ଲିନ୍‌ଙ୍କ ନମୁନା ପରୀକ୍ଷା କରାଯାଇଥିଲା । ଏଥିରୁ କୋକେନ୍ ଉପାଦାନ ମିଳିଥିଲା । ସେ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ । ପ୍ରଥମେ ତାଙ୍କୁ ତିନି ମାସ ବାସନ୍ଦ କରାଯାଇଥିଲା । ହେଲେ ନିଶାମୁକ୍ତି ପୁନର୍ବାସ କାର୍ଯ୍ୟକ୍ରମ ପୂରଣ କରିବାରୁ ଏହାକୁ ଗୋଟିଏ ମାସକୁ ହ୍ରାସ କରାଯାଇଥିଲା । ଯାହା ଏବେ ଶେଷ ହୋଇଛି । ଖେଳ ବାହାରେ କୋକେନ ସେବନ କରିଥିବାରୁ କ୍ରୀଡ଼ା ପ୍ରଦର୍ଶନ ସହ କିଛି ସମ୍ପର୍କ ନଥିବା ମଧ୍ୟ ଏହି ସଂସ୍ଥା କହିଛି । ବାସନ୍ଦ ଅବଧି ଶେଷ ହୋଇଥିବାରୁ ଆଗାମୀ ମାସରେ ଆରମ୍ଭ ହେଉଥିବା ବିଗ୍ ବାସ୍ ଲିଗ୍‌ରେ ସେ ମେଲବର୍ଣ୍ଣ ରେନିଗେଡ୍‌ସରୁ ଖେଳିବା ସମ୍ଭାବନା ରହିଛି । ଏହି ଲିଗ୍‌ରେ ଲିନ୍ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର୍ । ସେ ଅଷ୍ଟ୍ରେଲିଆ ପକ୍ଷରୁ ୧୮ ଟ୍ୱେଣ୍ଟି-୨୦ ଓ ୪ ଦିନିକିଆ ଖେଳିଛନ୍ତି ।

## ହସି ଅଷ୍ଟ୍ରେଲିଆର ପରାମର୍ଶଦାତା ପ୍ରଶିକ୍ଷକ

ସିଡ୍‌ନି: ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟର୍ ମାଇକ୍ ହସିଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ପୁରୁଷ ଦଳର ପରାମର୍ଶଦାତା ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି । ସେ ଆଗାମୀ ୨୦୨୭ ଆସେସ୍, ଦିନିକିଆ ବିଶ୍ୱକପ୍ ପାଇଁ ସେ ଦଳକୁ ପରାମର୍ଶ ଦେବେ । ଏଥିସହ ୨୦୨୮ ଏଲଏ ଅଲିମ୍ପିକ୍ସ ଓ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପ୍ରସ୍ତୁତିରେ ମଧ୍ୟ ଟ୍ୱେଣ୍ଟି-୨୦ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ । ଆଗାମୀ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ହସି ନୂଆ ଦାୟିତ୍ୱ ଆରମ୍ଭ କରିବେ ।



ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଦଳର ପ୍ରସ୍ତୁତି ବେଳେ ସହାୟତା କରିବେ । ଅଷ୍ଟ୍ରେଲିଆ ପକ୍ଷରୁ ୩୦୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ହସି ୨୦୦୭ ଦିନିକିଆ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ । ଇଂଲଣ୍ଡ ଓ ଅଷ୍ଟ୍ରେଲିଆର ଜାତୀୟ ଦଳ ସହ ହସି ଆଇପିଏଲ୍ ଓ ଦ ହଣ୍ଡ୍ରେଡ୍‌ରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି । ୨୦୨୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ମଣ୍ଡଳୀରେ ସେ ଥିଲେ ।

### ଯୁବ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ୍

# ତନ୍ୱୀଙ୍କୁ ଐତିହାସିକ ରୌପ୍ୟ

ଭୁବନେଶ୍ୱର,୬।୧୨ : ମାତ୍ର ୧୫ ବର୍ଷ ବୟସରେ ଓଡ଼ିଶାର ତନ୍ୱୀ ପତ୍ରୀ ପ୍ରଥମ ଭାରତୀୟ ମହିଳା ଭାବେ ଯୁବ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ପଦକ ଜିତି ଇତିହାସ ରଚିଛନ୍ତି । ସେନ୍‌ଗଲର ଡାକାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ତନ୍ୱୀ ଫାଇନାଲ୍‌ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ମଧ୍ୟ ଭାରତବାସୀଙ୍କ ହୃଦୟ ଜିଣିଛନ୍ତି । ପୂର୍ବରୁ କେବଳ ୨ ଜଣ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍‌ଏସ୍ ପ୍ରଣୟ (୨୦୧୦) ଓ ଲକ୍ଷ୍ୟ ସେନ୍ (୨୦୧୮) ଯୁବ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ ।



ଏବେ ତନ୍ୱୀ ଏମାନଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି । ଗୁରୁବାର ମଧ୍ୟ ରାତ୍ରିରେ ଖେଳାଯାଇଥିବା ଫାଇନାଲ୍‌ରେ କଡ଼ା ସଂଘର୍ଷ କରି ସେ ୧୫-୨୧, ୨୧-୧୩, ୨୪-୨୬ରେ ଚୀନ୍‌ର ଜିନ୍ ୟି ଝାଙ୍ଗ୍‌ଙ୍କଠୁ ପରାଜିତ ହୋଇଥିଲେ । ପ୍ରଥମ ଗେମ୍ ହାରିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ତନ୍ୱୀ ୨୧-୧୩ରେ ଦ୍ୱିତୀୟ ଗେମ୍ ଜିତି ସ୍ଥିତି ସମାନ କରିଥିଲେ । ନିର୍ଣ୍ଣାୟକ ଗେମ୍‌ରେ ତନ୍ୱୀ ସହଜରେ ବିଶ୍ୱ କନିଷ୍ଠ ବିଜୟିନୀ ଝାଙ୍ଗ୍‌ଙ୍କୁ ବାଟ ଛାଡ଼ି ନଥିଲେ ।

ଏହି ଗେମ୍‌ରେ ଏକଦା ୧୦-୧୯ରେ ପଛରେ ପଡ଼ିଥିବା ତନ୍ୱୀ ଚମତ୍କାର ଖେଳି ୫ ମ୍ୟାଚ୍ ପଏଣ୍ଟ ସେଭ୍ କରିବା ସହ ସ୍ଥିତି ୨୪-୨୪କୁ ଆଣିଥିଲେ । ହେଲେ ଝାଙ୍ଗ୍ ଶେଷ ଦୁଇ ପଏଣ୍ଟ କରାୟତ୍ତ କରି ମ୍ୟାଚ୍‌କୁ ଜିତି ନେଇଥିଲେ । ଏହି ମ୍ୟାଚ୍ ୮୨ ମିନିଟ୍ ଧରି ଚାଲିଥିଲା । ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମି (ପିପିବିଏ)ରେ ତାଲିମ ନେଉଥିବା ତନ୍ୱୀ ଏହି ପ୍ରତିଯୋଗିତାରେ ତୃତୀୟ ମାନ୍ୟତା ପାଇଥିଲେ । ଗ୍ରୁପ୍ ପର୍ଯ୍ୟାୟରେ ଦୃଢ଼ ପ୍ରଦର୍ଶନ କରିବା ପରେ କ୍ୱାର୍ଟରଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ଥାଇଲାଣ୍ଡର କାକାନିକ୍ କୁଙ୍ଗକାଇଉଙ୍କୁ ହରାଇ ପ୍ରଥମ ଭାରତୀୟ ମହିଳା ଭାବେ ସେମିଫାଇନାଲ୍‌ରେ ପହଞ୍ଚିଥିଲେ । ଏଠାରେ ସେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଜାପାନର ୟୁଜୁନୋ ୱାତାନାବେଙ୍କୁ ହରାଇ ଫାଇନାଲ୍ ପହଞ୍ଚି ପୁଣି ଇତିହାସ ରଚିଥିଲେ ।

# ଫ୍ରାଞ୍ଚାଇଜ୍ ଆଗରେ ବଡ଼ ଡିମାଣ୍ଡ ରଖିଲେ ଷ୍ଟାର ଖେଳାଳି

ନୂଆଦିଲ୍ଲୀ,୦୬/୧୧ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଳିଙ୍କ ମୂଲ୍ୟକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇପାରେ । ଆଇପିଏଲ୍ ଟିମ୍ ମାଲିକଙ୍କ ଉପରେ ବିପଦର ଖଣ୍ଡା ଝୁଲୁଛି । ଆକ୍ସନ ତାରିଖ ପାଖଉଥିବାବେଳେ ନଭେମ୍ବର ୧୭ଭିତରେ ଫ୍ରାଞ୍ଚାଇଜ ସେମାନଙ୍କ ରିଟେନସନ୍ ଲିଷ୍ଟ ଜାରି କରିବେ । ୨୦୨୮ ମେଗା ନିଲାମ ପାଇଁ ରିଟେନସନ୍ ନିୟମ ଏବଂ ରିହାତି ସ୍ଲାବ୍ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ଏଭଳି ପରିସ୍ଥିତିରେ ଖେଳାଳିଙ୍କ ବଢୁଥିବା ଚାହିଦା ଏବଂ ଫ୍ରାଞ୍ଚାଇଜିର ବଜେଟ୍ ମଧ୍ୟରେ ବିସିସିଆଇ କିପରି ସନ୍ତୁଳନ ରକ୍ଷା କରେ ତାହା ଦେଖିବା କୌତୂହଳପ୍ରଦ ହେବ । ବର୍ତ୍ତମାନ ଏହି ୪୦ କୋଟି ଟଙ୍କାର ଦାବି ଏକ ବିତର୍କ ସୃଷ୍ଟି କରିଛି । ଅତି କମରେ ଦୁଇ ବଡ଼ ଖେଳାଳି ସେମାନଙ୍କ ଫ୍ରାଞ୍ଚାଇଜିକୁ ସ୍ପଷ୍ଟ କରିଛନ୍ତି ଯେ ଯଦି ସେମାନେ ୪୦ କୋଟି ଟଙ୍କା ପାଇବେ ତେବେ ହିଁ ୨୦୨୮ ମେଗା ନିଲାମ ପୂର୍ବରୁ ସେମାନଙ୍କୁ ରଖାଯିବ । ଏହି ଖେଳାଳିମାନଙ୍କ ମଧ୍ୟରୁ ଜଣେ ଟଙ୍କା ସହିତ ଅଧିନାୟକତ୍ୱର ସର୍ତ୍ତ ମଧ୍ୟ ରଖିଛନ୍ତି । ଖେଳାଳିଙ୍କ ଏହି ଦାବି ଫ୍ରାଞ୍ଚାଇଜ୍ ଆଗରେ ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି ଯେ, ଦଳର ଏତେ ବଡ଼ ବଜେଟ୍ ଜଣେ କ୍ରିକେଟରଙ୍କ ପାଇଁ ଖର୍ଚ୍ଚ କରିବା ବୁଦ୍ଧିମାନ ହେବ କି । ଟିମ୍‌ରେ ରହିବାକୁ ୪୦ କୋଟି ଟଙ୍କା ଦେବାକୁ ବ୍ଲାକ୍‌ମେଲ୍ !- କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ର କେତେକ ଶୀର୍ଷ ଖେଳାଳି ସେମାନଙ୍କ ରିଟେନସନ୍ ଫି ଭାବରେ ୪୦ କୋଟି



ଟଙ୍କା ଦାବି କରିଛନ୍ତି । କୁହାଯାଉଛି ଯେ, କିଛି ଖେଳାଳି ନିଜ ନିଜ ଫ୍ରାଞ୍ଚାଇଜିକୁ କହିଛନ୍ତି ଯେ, ଯଦି ସେମାନଙ୍କୁ ୪୦ କୋଟି ଟଙ୍କା ଦିଆଯାଏ ତେବେ ସେମାନେ ଦଳରେ ରହିବେ । ଟିମ୍ ଇଣ୍ଡିଆର ପ୍ରାୟ ସମସ୍ତ ଖେଳାଳି ଏହା କରିପାରିବେ କାରଣ ସେମାନେ ଅନୁଭବ କରନ୍ତି ଯେ, ନିଲାମରେ ଅଂଶଗ୍ରହଣ କରି ସେମାନେ ବଡ଼ ଚୁକ୍ତିନାମା ପାଇପାରିବେ । ଏହି ଦାବି ଆଇପିଏଲ୍ ୨୦୨୭ ରିଟେନସନ ସମୟସୀମା ପୂର୍ବରୁ ସାମ୍ନାକୁ ଆସିଛି । ଫ୍ରାଞ୍ଚାଇଜ୍ ଟିମକୁ ୧୭ ନଭେମ୍ବର ଭିତରେ ରିଟେନ୍ ତାଲିକା ଜାରି କରିବାକୁ କୁହାଯାଇଛି । ଡିସେମ୍ବର ୧୬ରେ ଗୋଆରେ ମିନି ଅକ୍ସନ ହେବ । ଆଇପିଏଲ୍ ୨୦୨୭ ପରେ ୨୦୨୮ରେ ମେଗା ନିଲାମୀ ହେବ । ଖେଳାଳିମାନେ ପରବର୍ତ୍ତୀ ବଡ଼ ଚକ୍ର ପୂର୍ବରୁ ସେମାନଙ୍କର ମୂଲ୍ୟ ସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ।

ଆୟର-ପନ୍ତଙ୍କ ଉପରେ ହୋଇଥିଲା ଟଙ୍କା ବର୍ଷା- ଖେଳାଳିଙ୍କ ରିଟେନ୍ସନରୁ ବାହାର କରିବା ଏବଂ ନିଲାମ ବଜାରରେ ପରୀକ୍ଷା କରିବାର ମୁଖ୍ୟ କାରଣ ହେଉଛି ଶ୍ରେୟସ ଆୟର ଏବଂ ଋଷଭ ପନ୍ତଙ୍କ ପରି ଖେଳାଳି । ଉଭୟ ଶ୍ରେୟାସ ଆୟର ଏବଂ ଋଷଭ ପନ୍ତଙ୍କୁ ସେମାନଙ୍କ ଦଳ ସହିତ ରଖାଯାଇ ନଥିଲା ଏବଂ ପରେ ଉଭୟ ଆଇପିଏଲ୍ ୨୦୨୫ ମେଗା ନିଲାମକୁ ଯାଇଥିଲେ । ଶ୍ରେୟସ ଆୟରଙ୍କୁ ୨୬.୭୫ କୋଟି ଟଙ୍କା ଏବଂ ପନ୍ତଙ୍କୁ ୨୭ କୋଟି ଟଙ୍କା ମିଳିଥିଲା । ଆଇପିଏଲ୍ ୨୦୨୮ ପୂର୍ବରୁ ଏକ ମେଗା ନିଲାମ ହେବ ଏବଂ ସେହି ସମୟରେ ଦଳର ବଜେଟ୍ ୧୫୦ କୋଟିକୁ ବୃଦ୍ଧି ପାଇପାରେ । ଏପରି ସ୍ଥିତିରେ ଖେଳାଳିମାନେ ନିଜ ପାଇଁ ୪୦ କୋଟି ଟଙ୍କାର ରିଟେନ୍ ଫି ରଖିପାରିବେ । ଯଦି ଏହା ଘଟେ, ତେବେ ଫ୍ରାଞ୍ଚାଇଜ୍ ଅସୁବିଧାରେ ପଡ଼ିବେ ।ଏହି କ୍ଷେତ୍ରରେ ଆଗକୁ କ'ଣ ହେଉଛି ତାହା ଉପରେ ନଜର ରହିଛି ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**